### ଦାମୋଦର ମେଳାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

# ଭୀମକୁଣ୍ଡ ସ୍ୱାତୀଘାଟରେ ୧୭୩୨ଟି ଅସ୍ଥି ବିସର୍ଜନ



**ଠାକୁରମୁଣ୍ଡା/ମହୁଲଡିହା, ୨୦।୧(ସମିସ)**

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ନିକଟରେ ଥିବା ପବିତ୍ର ବୈତରଣୀ ନଦୀର ସଙ୍ଗମସ୍ଥଳର ସ୍ୱାତୀଘାଟରେ ୨୦ ତାରିଖରେ ସାନ୍ତାଳୀ ସମ୍ପ୍ରଦାୟ (ଦାମୋଦର ମେଳା)ର ଲୋକେ ଅସ୍ଥି ବିସର୍ଜନ କରିଛନ୍ତି। ଚଳିତ ବର୍ଷ ଦାମୋଦର ମେଳାରେ ସ୍ୱାତୀଘାଟରେ ୧୭୩୨ଟି ଅସ୍ଥି ବିସର୍ଜନ କରାଯାଇଥିବା ଜଣାପଡ଼ିଛି। ଅସ୍ଥି ବିସର୍ଜନ ମେଳାରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ବେଙ୍ଗଲରୁ ବହୁ ସଂଖ୍ୟାରେ ସାନ୍ତାଳୀ ସମ୍ପ୍ରଦାୟର ଲୋକ ପହଞ୍ଚି ସ୍ୱାତୀଘାଟରେ ଅସ୍ଥି ବିସର୍ଜନ କରିଥିଲେ। ମେଳାରେ ପ୍ରାୟ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ପ୍ରକାଶଯୋଗ୍ୟ ଯେ, ସାନ୍ତାଳୀ ସମ୍ପ୍ରଦାୟର ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତି ପରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଅସ୍ଥି ବିସର୍ଜନ ସହ ପିଣ୍ଡଦାନ ଓ ଶ୍ରାଦ୍ଧ କର୍ମକୁ ଦାମୋଦର ଯାତ୍ରା କହିଥାନ୍ତି। ପରିବାରରେ ମୃତ ବ୍ୟକ୍ତିଙ୍କ ସଂସ୍କାର ପରେ ତାଙ୍କର ଅସ୍ଥିକୁ ଏକ ଗଛ ମୂଳ ମାଟି ତଳେ ପୋତି ରଖିଥାନ୍ତି। ଅସ୍ଥି ବିସର୍ଜନର ପୂର୍ବ ଦିନରୁ ପୋତି ରଖିଥିବା ଅସ୍ଥିକୁ ପରିବାର ସଦସ୍ୟ ବାହାର କରି ଉକ୍ତ ଦିନ ଅସ୍ଥିକୁ ଏକ ହଳଦୀ ବୋଳାକନାରେ ଗୁଡ଼ାଇ ବିସର୍ଜନ କରିଥାନ୍ତି। ଅସ୍ଥି ଧରି ଆସିବାବେଳେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ କରି ବୈତରଣୀ ନଦୀର କୂଳରେ ଥିବା ବାଲିରେ ମଣ୍ଡପ କରି ବିଧି ଅନୁଯାଇ ପୂଜା କରିବା ପରେ ନଦୀରେ ବିସର୍ଜନ କରନ୍ତି। ପରେ ସେଠାରେ ଥିବା ମାରାଂ ବୁରୁ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ଚଳିତ ବର୍ଷ ସ୍ୱତୀ ଘାଟରେ ୧୭୩୨ରୁ ଊର୍ଦ୍ଧ୍ୱ ଅସ୍ଥି ବିସର୍ଜନ ହୋଇଥିବା ନେଇ ଦାମୋଦର ମେଳା ଆୟୋଜନ କରୁଥିବା ମାରାଂ ବୁରୁ କମିଟି ସୂତ୍ରରୁ ପ୍ରକାଶ। ମେଳାରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହଇବୁରୁ, ଠାକୁରମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଓ ପୂର୍ବତନ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ଯବାମଣି ଟୁଡୁ ଯୋଗ ଦେଇଥିଲେ। ଘାଟରେ ପିଇବା ପାଣି ବ୍ୟବସ୍ଥା କରାଯାଇ ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କମିଟି ସଭାପତି ଦଶରଥ ସୋରେନ, ସମ୍ପାଦକ ଭାଗିରଥି ଟୁଡୁ, ସହ ସମ୍ପାଦକ ବସନ୍ତ ସୋରେନ, କୋଷାଧ୍ୟକ୍ଷ ଅବିନାଶ ଟୁଡୁ, ବଜ୍ରକିଶୋର ଟୁଡୁ, ବିଜୟ ଟୁଡୁ, ସୋମନାଥ ଟୁଡୁ, ଗଙ୍ଗାଧର ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ।

### ୨୮ ଟି ଜଳାଶୟରେ ପକ୍ଷୀଗଣନା ଶେଷ

## ୫୮ ପ୍ରଜାତିର ପକ୍ଷୀଙ୍କ ଆଗମନ

**କରଞ୍ଜିଆ, ୨୦।୧(ସମିସ):** କରଞ୍ଜିଆ ବନଖଣ୍ଡର ୪ଟି ବନାଞ୍ଚଳର ୨୮ ଜଳାଶୟରେ ଚଳିତ ବର୍ଷର ପକ୍ଷୀଗଣନା ଗତ ୧୮ ତାରିଖରେ ଶେଷ ହୋଇଛି। ହାତୀଶାଳବେଡା, କୁଶପଦା, ରୁଢ଼ଙ୍ଗ, ଗହ୍ମାରିଆ, ବ୍ରାହ୍ମଣୀପୋଷି, ଝୁମିକାପାଳ, କରଡ଼ିଆ, ରଜାବନ୍ଧ, ମାଟିଆବନ୍ଧ ଓ ହଳଦିଆ ବନ୍ଧ ଆଦି ଜଳାଶୟରେ ଗତବର୍ଷ ୧୨୫୫ ପକ୍ଷୀ ଥିବା ବେଳେ ଚଳିତବର୍ଷ ବୃଦ୍ଧି ପାଇ ୨୯୬୯ ପକ୍ଷୀଙ୍କ ଆଗମନ ହୋଇଛି। ସାତକୋଶିଆ ବନାଞ୍ଚଳର ତରଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ସାତବେଡି ବନ୍ଧରେ ଗତବର୍ଷ ୧୨୯୦ ପକ୍ଷୀଙ୍କୁ ଗଣନା କରାଯାଇଥିବା ସ୍ଥଳେ ଚଳିତବର୍ଷ ଏହା ବୃଦ୍ଧି ପାଇ ୧୫୩୮ ହୋଇଛି। ଦୁଧିଆଣି ବନାଞ୍ଚଳର କୁଞ୍ଜିଆ ବନ୍ଧ, ନିଉଟି ବନ୍ଧ, ଡୁମୁରିଆ ବନ୍ଧ, ପଣସପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କୁମୁଡାବାଡ଼ି ବନ୍ଧ, ଗୋଡାପଳସା ବନ୍ଧ, ହାତିବାରି ମଧ୍ୟମ ଜଳସେଚନ ପ୍ରକଳ୍ପ, କାଠକରଞ୍ଜିଆ ବନ୍ଧ, ପାଣପୋଷି ବନ୍ଧ, ସାନନଈବନ୍ଧ, ତେନ୍ତୁଳିପଶି ବନ୍ଧରେ ଗତବର୍ଷ ୨୨୭୧ ପକ୍ଷୀଙ୍କୁ ଗଣନା କରାଯାଇଥିଲା। ଚଳିତବର୍ଷ କୁଞ୍ଜିଆ ବନ୍ଧରେ ପକ୍ଷୀଙ୍କ ଆଗମନ ନ ହୋଇ ନୂତନ ବନ୍ଧ ନୂଆଦିଲିପା ବନ୍ଧରେ ପକ୍ଷୀଙ୍କ ସମାଗମ ହୋଇଥିବା ଏବଂ ଗତବର୍ଷ ଠାରୁ ପକ୍ଷୀଙ୍କ ଆଗମନରେ ହ୍ରାସ ପାଇ ୨୦୭୯ରେ ସୀମିତ ଥିବା ଜଣାପଡ଼ିଛି। ସେହିପରି ଠାକୁରମୁଣ୍ଡା ବନାଞ୍ଚଳର ଠାକୁରମୁଣ୍ଡା ବନ୍ଧ, କେନ୍ଦୁମୁଣ୍ଡି ବନ୍ଧ, ପଡ଼ିଆବେଡା ବନ୍ଧ ଓ ସାଳନ୍ଦୀ ନଦୀରେ ଗତବର୍ଷ ୧୫୭ ପକ୍ଷୀଙ୍କ ଆଗମନ ହୋଇଥିବା ସ୍ଥଳେ ଚଳିତବର୍ଷ ଏହା ବୃଦ୍ଧି ପାଇ ୩୬୦ ହୋଇଛି। ଚଳିତବର୍ଷ ୫୮ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ତନ୍ମଧ୍ୟରୁ ୪ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ଠାବ କରାଯାଇଛି।

## ଓଡ଼ିଶା ଆଦର୍ଶ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ




**ମହୁଲଡିହା, ୨୦।୧(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚତୁର୍ଥ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ସନ୍ଧିବିଗ୍ରହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ସ୍କୁଲର ବିକାଶ ଧାରା ଏବଂ ଛାତ୍ରଛାତ୍ରୀଙ୍କ କୃତିତ୍ୱ ସନ୍ତୋଷଜନକ ବୋଲି କହିଥିଲେ। ଇଂରାଜୀ ଶିକ୍ଷା ସହିତ ଓଡ଼ିଆ ପରମ୍ପରା ଅସ୍ମିତାକୁ ସମାନ ଭାବେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ଼ଃ. ହରିଶ ଚନ୍ଦ୍ର ବାରିକ ଯୋଗଦେଇ ବର୍ତ୍ତମାନ ସମୟ ହିଁ ଶ୍ରେଷ୍ଠ ସମୟ ବୋଲି କହିବା ସହିତ ଛାତ୍ରଛାତ୍ରୀ ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ବ୍ୟାଙ୍କ ଶାଖା ପରିଚାଳକ ସ୍ମୃତିରଞ୍ଜନ ସାହୁ, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ।ଶିଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଜି ବାରିପଦାରେ ୬ ଘଣ୍ଟା ବିଦ୍ୟୁତ୍ କାଟ୍

**ବାରିପଦା, ୨୦।୧(ସମିସ):** ମରାମତି କାର୍ଯ୍ୟ ପାଇଁ ବାରିପଦା ସହରର ଆଂଶିକ ଅଞ୍ଚଳ ମଙ୍ଗଳବାର ୬ଘଣ୍ଟା ପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିବ। ତକତପୁର ବିଦ୍ୟୁତ ସବଷ୍ଟେସନରେ ମରାମତି କାର୍ଯ୍ୟ ନିମନ୍ତେ ପୂର୍ବାହ୍ନ ୯ରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ; ଯାହାକୁ ନେଇ ସବ ଷ୍ଟେସନ ଅନ୍ତର୍ଗତ ବାରିପଦା ସହରର ଦାରଗାଡାହି, ବାଘଡାରୋଡ, ମୁର୍ଗାବାଡି, ତକତପୁର ଓ ପାଲବଣୀର କିଛି ଅଞ୍ଚଳ ଗୁଡ଼ିକର ଉପଭୋକ୍ତାଙ୍କ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏ ନେଇ ଟାଟା ପାୱାର ନର୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କ ଅବଗତି ନିମନ୍ତେ ଜଣାଇବା ସହଯୋଗ କାମନା କରିଛନ୍ତି।

## ମକର ମହୋତ୍ସବର ୫ମ ସନ୍ଧ୍ୟା



**ବାରିପଦା, ୨୦।୧(ସମିସ):** ବାରିପଦା ପୌର ପରିଷଦର ୧୫ନଂ. ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁରଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ ଦିନିଆ ମକର ମହୋତ୍ସବର ପ୍ରଥମ ୩ ଦିନ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ୫ମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରକାଶ ସୋରେନ ଓ ପୂର୍ବତନ ଉପନଗରପାଳ ଜୀତେନ୍ଦ୍ର ମହାନ୍ତି ପ୍ରମୁଖ ତ୍ରିରଙ୍ଗା କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ବର୍ଷ ଧରି ତ୍ରିରଙ୍ଗା କ୍ଲବର କାର୍ଯ୍ୟକଳାପ ନେଇ ଆଲୋକପାତ କରିଥିଲେ। ଭଲିବଲ ଚାମ୍ପିଅନ ଲେଜେଣ୍ଡସ ଟିମ ଓ ରନର୍ସ ଅପ ଏମବିଜେ ଟାଇଗର୍ସ ତଥା କବାଡିରେ ଚାମ୍ପିଅନ ଟିମ ଓ ରନର୍ସ ଅପ ଟିମକୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ମହିଳା ବିଭାଗରେ ଚାମ୍ପିଅନ ହୋଇଥିବା ଶାନେ ଟୁଡୁଙ୍କ ମଧ୍ୟ ପୁରସ୍କୃତ କରାଯାଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ସରୋଜ ମହାପାତ୍ର (ଲିଟନ)ଙ୍କ ନେତୃତ୍ୱରେ ସାଜୁ ଭାଇ ଉମେଶ ମହାରଣା, ଶେଖ ଅଜିତ, ଅମିତ ତେଲେଙ୍ଗା ଓ କିସନ ତେଲେଙ୍ଗା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯ୍ୟକ୍ରମ'




**ବୈଶିଙ୍ଗା, ୨୦।୧(ସମସ):** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯକ୍ରମ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ଅଧୀନ ସେଣ୍ଟର୍ ଫର୍ ଏନଭାରନମେଣ୍ଟାଲ ଷ୍ଟଡିଜ୍ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜକ ମୋହନ କୁମାର ରାଉତ୍ ଯୋଗଦେଇ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ ତଥା ଅଣଶିକ୍ଷକଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସମ୍ବନ୍ଧୀୟ ସବୁଜ ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଚେତନତା ରାଲିକୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥଲେ। ଛାତ୍ରଛାତ୍ରୀମାନେ ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ସଚେତନ ସୃଷ୍ଟି କରିଥଲେ। ପରେ ଛାତ୍ରଛାତ୍ରୀ 'ଏକକ ପ୍ଲାଷ୍ଟିକ ବ୍ୟବହାରକୁ ନା କରିବ" ବିଷୟ ବସ୍ତୁ ଉପରେ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ବେତନଟୀ ବନାଞ୍ଚଳ ଅଧିକାରୀ ମନୱାର ଖାଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାରର ମାରାତ୍ମକ କୁପ୍ରଭାବ ସମ୍ପର୍କରେ ବୁଝାଇଥିଲେ। ବନପାଳ ପ୍ରଶାନ୍ତ କୁମାର ସିଂ ସାମନ୍ତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ସଂକ୍ରାନ୍ତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜ୍ୟ ରଗ୍‌ବୀ-୭ ପାଇଁ ମୟୂରଭଞ୍ଜ ଦଳ ଘୋଷିତ




**ବାରିପଦା, ୨୦।୧(ସମିସ):** ଜାନୁଆରୀ ୨୧ ତାରିଖରୁ ଭୁବନେଶ୍ୱର ସ୍ଥିତ ଆଇଆରସି ଭିଲେଜ୍ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ରଗବୀ-୭ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ବାଳକ ଓ ବାଳିକା ଦଳ ନାମ ଘୋଷଣା କରାଯାଇଛି। ବାଳକ ଦଳରେ ୧୨ ଜଣ ଏବଂ ବାଳିକା ଦଳରେ ୧୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଶିମିଳିପାଳ ସ୍ପୋର୍ଟସ ଆଣ୍ଡ ଆଥଲେଟିକ୍ ଆସୋସିଏସନ୍ ସଭାପତି ସର୍ଦ୍ଦାର ହେମ୍ବ୍ରମ, ସମ୍ପାଦକ ସୁକେନ୍ଦୁ ଦାସ ଏବଂ ଏମଡିଆରଫା ସମ୍ପାଦକ ଜେ ସୁଶିଲ ହେମ୍ବ୍ରମଙ୍କ ଉପସ୍ଥିତିରେ ବ୍ରଜକିଶୋର ହେମ୍ବ୍ରମଙ୍କ ଦ୍ୱାରା ଘୋଷିତ ୧୫ବର୍ଷରୁ କମ୍ ବାଳିକା ଦଳରେ ମାନିମଣୀ ସିଂ, ଦୁଲାରୀ ହାଁସଦା, ପଦ୍ମାବତୀ ସିଂ (ଏ), ପଦ୍ମାବତୀ ସିଂ (ବି), ଜଗିତା ପୂର୍ତ୍ତି, ସନ୍ଧ୍ୟାମଣି ସିଂ, ସୁନିତା ସିଂ, ଜସ୍ମିନ ମୁର୍ମୁ, ସୁଭଦ୍ରା ସୋରେନ, ଫୁଲମଣି ମାର୍ଣ୍ଡି, ଜବା ମାର୍ଣ୍ଡି, ମମତା ମୁର୍ମୁ (କୋଚ୍) ରହିଛନ୍ତି। ସେହିପରି୧୫ ବର୍ଷରୁ କମ୍ ବାଳକ ଦଳରେ କାଶୀନାଥ ଟୁଡୁ, ବୁଢନ ସିଂ ବୈପାଇ, ରାମଚନ୍ଦ୍ର ହାଁସଦା, ମନୋଜ ସିଂ, ରାମଚନ୍ଦ୍ର ହେମ୍ବ୍ରମ, ମୁନା ମାର୍ଣ୍ଡି, ରହିଦାସ ସିଂ, ହୃଦାନନ୍ଦ ସିଂ, ଅଭିନାଶ ନାଏକ, କସ୍ତୁରୀ ଟୁଡୁ, ନିରଞ୍ଜନ ଟୁଡୁ, ବାଘରାୟ ମାଝୀ, କାର୍ତ୍ତିକ କୁମାର ସିଂ (ମ୍ୟାନେଜର) ସ୍ଥାନ ପାଇଛନ୍ତି। ଏହିସବୁ ଖେଳାଳିଙ୍କୁ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଏମଡିଆରଫା ସଭାପତି ସୁନାରାମ କିସ୍କୁ, ଉପସଭାପତି ଦିଲ୍ଲୀପ ମୁର୍ମୁ, ମୁଖ୍ୟ ଉପଦେଷ୍ଟା ବାବା ଧଳରାମ ହାଁସଦା ଶୁଭେଚ୍ଛା ଜଣାଇଛନ୍ତି।

## ଅଭିଯୁକ୍ତଙ୍କ ଘରେ ଝାଡ଼ଖଣ୍ଡ ପୁଲିସ ଜାରିକଲା ଫତ୍ୱା

**କୁଳିଅଣା, ୨୦।୧(ସମିସ):** ପଡୋଶୀ ଝାଡ଼ଖଣ୍ଡ ରାଜ୍ୟ ଏମଜିଏମ ଥାନାରେ ଅଭିଯୋଗ ଅନୁସାରେ ନାବାଳିକା ଅପହରଣ ନେଇ ଏକ ମାମଲା ରୁଜୁ କରିଥିଲା ପୁଲିସ। ଉକ୍ତ ନାବାଳିକାକୁ ଚାନ୍ଦୁଆ ଥାନା ଚାଲୁଣିଆ ଗ୍ରାମର ରଞ୍ଜିତ କୁଣ୍ଡୁ ଅପହରଣ କରିନେଇ ନିଜ ଘରେ ରଖିଥିଲା। ଇତି ମଧ୍ୟରେ ପୂର୍ବସିଂହଭୂମ କୋର୍ଟରୁ ଅଭିଯୁକ୍ତ କୋର୍ଟରେ ହାଜର ହେବା ପାଇଁ ବାରମ୍ବାର ସମନ ଜାରି କରିବା ପରେ ବି ସେ ହାଜର ନ ହେବାରୁ ଝାଡ଼ଖଣ୍ଡ ପୁଲିସ ଗତକାଲି ଚାନ୍ଦୁଆ ଥାନା ଏଏସ ଆଇ ଦୁଃଖବନ୍ଧୁ ନାଏକଙ୍କୁ କୋର୍ଟର ଆଦେଶର ନକଲ ଦେଇ ଅଭିଯୁକ୍ତଙ୍କ ଘରେ ଫତୁଆ ଜାରି କରିଛି। ଝାଡ଼ଖଣ୍ଡ ପୁଲିସ ଫତ୍ୱା ଜାରି କଲାବେଳେ ତାଙ୍କର ଘର କେହି ପରିବାର ଉପସ୍ଥିତ ନ ଥିଲେ।

## ପଳାତକ ଘରେ ନୋଟିସ୍ ଲଗାଇଲା ପୁଲିସ

**ସାରସକଣା, ୨୦।୧(ସମିସ):** ସାରସକଣା ବ୍ଲକ ଝାରପୋଖରିଆ ଥାନା ଅଧୀନ ବାଲିଆସାହି ରଞ୍ଜନ ସେଠୀଙ୍କ ଘରେ ପୁଲିସ ପଳାତକ ନୋଟିସ ଲଗାଇଛି।



ସୂଚନା ମୁତାବକ, ବାଲିଆସାହି ଗ୍ରାମର ରଞ୍ଜନ କୁମାର ସେଠୀଙ୍କ ବିରୋଧରେ ଘାଟସିଲା କୋର୍ଟ ଏକ ବିଜ୍ଞାପନ ଜାରି କରିବା ସହିତ ଆଜି ଅଭିଯୁକ୍ତ ରଞ୍ଜନଙ୍କ ଘରେ ନୋଟିସ ଲଗାଇଛି। ଏକ ମାସ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେ ଉକ୍ତ ସମୟ ମଧ୍ୟରେ ଆତ୍ମର୍ପଣ ନ କରନ୍ତି ତେବେ ତାଙ୍କର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଜବତ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।

## 'ଜୀବନର ଲକ୍ଷ୍ୟ ପୂରଣରେ ଦକ୍ଷତା ବିକାଶ'ର ଭୂମିକା କାର୍ଯ୍ୟକ୍ରମ




**ବାରିପଦା, ୨୦।୧(ସମିସ):** ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାରିପଦା ଉପଖଣ୍ଡ ସ୍ତରୀୟ 'ଜୀବନର ଲକ୍ଷ୍ୟ ପୂରଣରେ ଦକ୍ଷତା ବିକାଶ'ର ଭୂମିକା ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ଉପଖଣ୍ଡର ୧୦ଟି ବ୍ଲକର ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ (ସିନିୟର)ରେ ଓଡ଼ିଶା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ଧ୍ରୁବଲୋଚନ ବେହେରା, ଜୁନିୟରରେ ଏମକେସି ଉଚ୍ଚ ବିଦ୍ୟାଳୟର ସୁହାନା ପରବିନ, ଭାଷଣ (ସିନିୟର)ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର କଲ୍ୟାଣୀ ଦେଓ ଓ ଜୁନିୟରରେ ଅରଜ୍ୟୋତି ପ୍ରଧାନ, କୁଇଜ (ସିନିୟର)ରେ ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାହିଲ କୁମାର ମହାନ୍ତ, ଜୁନିୟରରେ ପାଇକସାହି ଏସଡି ସରକାରୀ ଉଚ୍ଚ ବିଦ୍ୟାଳୟର ମୋନାଲିସା ବେହେରା, ଚିତ୍ରାଙ୍କନ (ସିନିୟର)ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ବିନାୟକ ପ୍ରିତମ ବେହେରା ଏବଂ ଜୁନିୟର ବିଭାଗରେ ଦ୍ୱାରସୁଣୀ ସରକାରୀ ବାଳିକା ବିଦ୍ୟାଳୟର ଝାନ୍ସି ମହାନ୍ତ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଦିଗଦର୍ଶନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଡିଆଇଇଟିର ଶିକ୍ଷକ ପ୍ରଶିକ୍ଷକ ବଶିଷ୍ଠ କୁମାର ନାୟକ, ଯୋଗେଶ୍ୱର ଘୋଷ ମହାପାତ୍ର, ବରିଷ୍ଠ ଶିକ୍ଷକ ବାଞ୍ଛାନିଧି ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ସିଆରସିସି ଧନଞ୍ଜୟ ସାହୁ, ଗୀତିକା ବେହେରା, ଭବାନୀ ଶଙ୍କର ସିଂହ, ରାଜକିଶୋର ସେଠୀ ତଥା ଚୈତନ ପ୍ରସାଦ ମାର୍ଣ୍ଡି, ଅଜିତ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସ୍କୁଲ ଆଗରେ ଗୁଟ୍‌ଖା ଦୋକାନ; ଛାତ୍ରଛାତ୍ରୀ ପ୍ରଭାବିତ

**ରାଇରଙ୍ଗପୁର, ୨୦।୧(ସମିସ)**



ସରକାରଙ୍କ କଟପା ଆଇନ -୨୦୦୩ ଅନୁସାରେ ବିଦ୍ୟାର୍ଥୀଙ୍କୁ ନିଶାଠୁ ଦୂରେଇ ରଖିବା ପାଇଁ ଶିକ୍ଷାନୁଷ୍ଠାନଠାରୁ ୩ ଶହ ଫୁଟ ଦୂରତା ମଧ୍ୟରେ କୌଣସି ମାଦକ ଦ୍ରବ୍ୟ ସାମଗ୍ରୀ ବିକ୍ରୟ ଉପରେ ପ୍ରତିବନ୍ଧ ଲଗାଯାଇଛି। ଏହି ନିୟମକୁ କଡାକଡି ପାଳନ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ମଧ୍ୟ କରୁଛନ୍ତି; ହେଲେ ରାଇରଙ୍ଗପୁର ସହରରେ ଏହି ନିୟମ ଉଲ୍ଲଙ୍ଘନ ହୋଇଥିବା ନେଇ ଏକ ଚିତ୍ର ଦେଖିବାକୁ ମିଳିଛି। ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସ୍କୁଲ ହଷ୍ଟେଲ, କଲେଜ ସମ୍ମୁଖ ଆଦି ସ୍ଥାନରେ ମାଳ ମାଳ ଗୁଟଖା, ତମାଖୁ, ପାନ ଆଦି ଖୋଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଜାଣି ଅଜଣା ରହୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ଭାବରେ ରାଇରଙ୍ଗପୁର ପରିଚିତ। ଏହି ସହର ରାଜନୈତିକ କ୍ଷେତ୍ରରେ ବିଶ୍ୱ ମାନଚିତ୍ରରେ ନିଜର ପରିଚୟ ସୃଷ୍ଟି କରିଛି। ବର୍ତ୍ତମାନ ରାଇରଙ୍ଗପୁର ସହର ନିଶା ଦ୍ରବ୍ୟ କାରବାର କବଳରେ ରହିଥିବା ଲୋକେ ବିଭିନ୍ନ ଛକ ବଜାରରେ ଚର୍ଚ୍ଚା କରୁଛନ୍ତି। ଏହାର ସିଧାସଳଖ ପ୍ରଭାବ ବିଦ୍ୟାର୍ଥୀଙ୍କ ଉପରେ ପଡୁଛି। ଶିକ୍ଷକମାନେ ଅନେକ ସମୟରେ ସେହି ଉକ୍ତ ଦୋକାନରୁ ଗୁଟ୍‌ଖା ଆଦି କିଣୁଥିବା ଦେଖିବାକୁ ମିଳିଛି; ହେଲେ ନିଶାଦ୍ରବ୍ୟ ବିକ୍ରି ଉପରେ ପ୍ରଶାସନ କୌଣସି ରୋକ ଲଗାଇବା ପାଇଁ ପଦକ୍ଷେପ ନେଉନାହାନ୍ତି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲର ଛାତ୍ରମାନେ ଅନେକ ସମୟରେ ପାଚେରୀ ନିକଟରେ ଥିବା ଦୋକାନରୁ ନିଶାଦ୍ରବ୍ୟ କିଣି ଚୋରାରେ ବ୍ୟବହାର କରୁଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବିଭାଗୀୟ ଅଧିକାରୀମାନେ ଘଟଣା ସମ୍ପର୍କରେ ଅବଗତ ରହି ମଧ୍ୟ ଚୁପ୍ ରହୁଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଶିକ୍ଷାନୁଷ୍ଠାନ ସମ୍ମୁଖରେ ମାଦକ ଦ୍ରବ୍ୟ ବିକ୍ରୟ କରୁଥିବା ଦୋକାନୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ତାରିଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**ବୈଶିଙ୍ଗା, ୨୦।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ଯୁଗଳ ପଞ୍ଚାୟତର କଇଁଥା ଶାସନ ସ୍ଥିତ ତାରିଣୀ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ଲୁଟି ନେଇ ପଳାଇଛନ୍ତି ଦୁର୍ବୃତ୍ତ। ଗ୍ରାମର ମନୋରଞ୍ଜନ ଓତାଙ୍କ ଘରବାଡି ପରିସରରେ ଥିବା ତାରିଣୀ ମନ୍ଦିରରେ ସନ୍ଧ୍ୟା ଆଳତୀ ସାରିବା ପରେ ସେ ଘରକୁ ପଳାଇଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଦୁର୍ବୃତ୍ତମାନେ ମନ୍ଦିରର ଗ୍ରିଲ୍ ତାଲା ଭଙ୍ଗି ରୂପାର ୨ଟି ମୁକୁଟ, ଚିକ ହାର, ଚକ୍ଷୁ, ନାସା, ଗାଲ, ପାଟି ସମେତ ସୁନା ଫଲସ ସମେତ ଆହୁରି ଅନେକ ଅଳଙ୍କାର ଚୋରିକରି ନେଇ ପଳାଇଛନ୍ତି। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କାରୁ ଅଧିକ ହେବ ବୋଲି ଶ୍ରୀ ଓତା କହିଛନ୍ତି। ସୋମବାର ସେ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ତପନ କୁମାର ପ୍ରଧାନ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମକୁ ନେଇ ଘଟଣାସ୍ଥଳ ତଦନ୍ତ କରି ଫେରିଛନ୍ତି।

## ଫେବୃଆରୀ ୨୧ରୁ ମାଟ୍ରିକ୍ ପରୀକ୍ଷା
# ୧୭୬ କେନ୍ଦ୍ରରେ ପରୀକ୍ଷା ଦେବେ ୨୯, ୧୫୫ ପରୀକ୍ଷାର୍ଥୀ

**ବାରିପଦା, ୨୦।୧(ସମିସ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ବାର୍ଷିକ ହାଇସ୍କୁଲ ମାଟ୍ରିକ ପରୀକ୍ଷା-୨୦୨୫ ଆସନ୍ତା ଫେବୃଆରୀ ୨୧ ତାରିଖରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଗୋଟିଏ ସିଟିଂରେ ହେବ। ଜିଲ୍ଲାର ୧୭୬ଟି ପରୀକ୍ଷା କେନ୍ଦ୍ର ରହିଛି। ସେଥିରୁ ହାଇସ୍କୁଲ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷା ପାଇଁ ୧୭୪ଟି ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୨ଟି କେନ୍ଦ୍ର ରହିଛି। ୨୯, ୧୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ରେଗୁଲାର ୨୯, ୦୫୯ ଓ ଏକ୍ସ ରେଗୁଲାର ୯୬ ଜଣ। ହାଇସ୍କୁଲ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷାରେ ରେଗୁଲାର ୨୮, ୯୨୯ ଓ ଏକ୍ସ ରେଗୁଲାର ୬୧ଜଣ ରହିଛନ୍ତି। ସେହିପରି ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ରେଗୁଲାର ୧୩୦ଜଣ ଓ ଏକ୍ସ ରେଗୁଲାର ୩୫ଜଣ ପରୀକ୍ଷାର୍ଥୀ ରହିଛନ୍ତି। ପରୀକ୍ଷା ପରିଚାଳନା ନିମନ୍ତେ ୨୧ଟି ନୋଡାଲ ସେଣ୍ଟର ହୋଇଛି। ଏଥିସହିତ ୪୯ଟି ଡେସପାଚ ଟିମ ପ୍ରସ୍ତୁତ କରାଯାଇଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉକ୍ତ ପରୀକ୍ଷା ପାଇଁ ଜିଲ୍ଲାରେ ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ପ୍ରତ୍ୟେକ ପରୀକ୍ଷା ସକାଳ ୯ରୁ ଆରମ୍ଭ ହୋଇ ୧୧.୩୦ରେ ସରିବ। କେବଳ ଗଣିତ ପରୀକ୍ଷା ୧୧.୪୫ରେ ଶେଷ ହେବ। ଫେବୃଆରୀ ୨୧ରେ ପ୍ରଥମ ଭାଷା ଓଡ଼ିଆ, ଫେବୃଆରୀ ୨୪ରେ ଇଂରାଜୀ, ଫେବୃଆରୀ ୨୫ରେ ଟିଏଲଭି ପ୍ରାକ୍ଟିକାଲ, ଫେବୃଆରୀ ୨୭ରେ ଗଣିତ, ମାର୍ଚ୍ଚ ୧ରେ ବିଜ୍ଞାନ, ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୬ରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ସହିତ ଅନ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହେବ। ଟିଏଲଭି ଓ ଧନ୍ଦାମୂଳକ ଶିକ୍ଷା ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ପରୀକ୍ଷାର୍ଥୀ ସବଜେକ୍ଟିଭ ଓ ୫୦ ମାର୍କ ଅବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ଦେବେ। ଅବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀ ଓଏମ୍ଆର ସିଟ୍‌ରେ ଦେବେ ଏବଂ ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ। ସେହିପରି ଧନ୍ଦାମୂଳକ ଶିକ୍ଷା (ଥିଓରୀ) ବିଷୟରେ ୫୦ମାର୍କ ଏବଂ ଟିଏଲଭି (ଥିଓରୀ) ୨୦ ମାର୍କର ସବଜେକ୍ଟିଭ ପ୍ରଶ୍ନ ରହିବ। ୫୦ ମାର୍କର ଧନ୍ଦାମୂଳକ ଶିକ୍ଷା ପ୍ରାକ୍ଟିକାଲ ପରୀକ୍ଷା ନିଜ ନିଜ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଜାନୁଆରୀ ୨୭ତାରିଖରୁ ଫେବୃଆରୀ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଦ୍ୱାରା ଅନୁଷ୍ଠିତ ହେବ। ଏହି ପ୍ରାକ୍ଟିକାଲ ମାର୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୋର୍ଡର ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ଡାକ ଯୋଗେ ପଠାଇବେ। ଟିଏଲଭି ପ୍ରାକ୍ଟିକାଲ ପରୀକ୍ଷା ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କର ହେବ। ଜିଲ୍ଲାରେ ନିରପେକ୍ଷ ଭାବେ ପରୀକ୍ଷା ପରିଚାଳନା ନିମନ୍ତେ ସବୁ ପ୍ରକାର ବ୍ୟବସ୍ଥା ହୋଇଛି। ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଓ ଦାୟିତ୍ୱରେ ରହିବାକୁ ଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଏ ନେଇ ତାଲିମ ପ୍ରଦାନ କରାଯାଉଛି। ପ୍ରତି ପରୀକ୍ଷା କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ଜଣେ ଲେଖାଏଁ ପରିଦର୍ଶକ ନିଯୁକ୍ତ ହୋଇଛନ୍ତି। ପରୀକ୍ଷାରେ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି। ପ୍ରତି କେନ୍ଦ୍ରରେ ପୁଲିସ ମୂତୟନ ହେବାକୁ ଥିବା ବେଳେ ସମ୍ବେଦନଶୀଳ କେନ୍ଦ୍ର ଗୁଡିକରେ ଅଧିକ ପୁଲିସ ନିୟୋଜିତ କରାଯାଇଛି। ଅସାଧୁ ଉପାୟ ଅବଲମ୍ବନ ହେଲେ ଦାୟୀ ଛାତ୍ରଛାତ୍ରୀ, ପରୀକ୍ଷକ ଓ ଅଧୀକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏହାପରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ।

**କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ଗଠନ**

## ନିଖିଳ ଉତ୍କଳ ମୋହରିର ଦିବସ



**ବାରିପଦା, ୨୦।୧(ସମିସ):** ବାରିପଦା ମୋହରିର ସଂଘ ତରଫରୁ ନିଖିଳ ଉତ୍କଳ ମୋହରିର ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଉପସଭାପତି ଚତୁର୍ଭୁଜ ପାତ୍ର, ବରିଷ୍ଠ ସଦସ୍ୟ ମହାଦେବ ଦାସ, ଅରୁଣ କୁମାର ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ମୋହରୀରମାନଙ୍କ ବହୁବିଧ ସମସ୍ୟା ଏବଂ ଏହାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ସମାରୋହରେ ସଂଘ କାର୍ଯ୍ୟକାରିଣୀ ସଦସ୍ୟ ପୀତାମ୍ବର ମଲ୍ଲିକ, କୋଷାଧକ୍ଷ ଯତିନ ଚନ୍ଦ୍ର ଗିରି, ତ୍ରିଲୋଚନ କମିଳା, ବିବେକାନନ୍ଦ ସାହୁ, ମୃତ୍ୟୁଞ୍ଜୟ ସାହୁ, ମଙ୍ଗୁଲୁ ବିନ୍ଧାଣି, ବିଦ୍ୟାଧର ରାଜ, ଉଦୟ ନାୟକ, କପିଳେଶ୍ୱରର ସାହୁ, ଚନ୍ଦ୍ରମୋହନ ମହାନ୍ତ, କୁଆଁରିଆ ମାଝୀ ଓ ପ୍ରଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଶେଷରେ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟାପକ ନିଯୁକ୍ତି ନେଇ ସ୍ଲେଟ୍ ପରୀକ୍ଷା ଦାବି କଲା ନାଗରିକ ମଞ୍ଚ

**ବାରିପଦା, ୨୦।୧(ସମିସ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମ ଅନୁସାରେ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ନିମନ୍ତେ ନେଟ୍ (ନେସନାଲ ଏଲିଜିବିଲିଟି ଟେଷ୍ଟ) ବା ସ୍ଲେଟ (ଷ୍ଟେଟ ଲେବଲ ଏଲିଜିବିଲିଟି ଟେଷ୍ଟ)ରେ କୃତକାର୍ଯ୍ୟ ହେବା ଏକାନ୍ତ ପ୍ରୟୋଜନ। ନଚେତ୍ ପିଜିରେ ୫୫ ମାର୍କ ସହିତ ପିଏଚଡି କରିଥିଲେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଦେଶରେ ବହୁ ରାଜ୍ୟ ସ୍ଲେଟ ପରୀକ୍ଷା କରାଉଛନ୍ତି ଏବଂ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ମଧ୍ୟ ଦେଉଛନ୍ତି। କିନ୍ତୁ ଓଡ଼ିଶାରେ ସ୍ଲେଟ (ଷ୍ଟେଟ ଲେବଲ ଏଲିଜିବିଲିଟି ଟେଷ୍ଟ) କରାଯାଉନାହିଁ। ଫଳରେ ଓଡ଼ିଶାର ଛାତ୍ରଛାତ୍ରୀ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ରାଜ୍ୟରେ ଅଧ୍ୟାପକ ନିଯୁକ୍ତି ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରତିବର୍ଷ ସ୍ଲେଟ ପରୀକ୍ଷା କରାଇବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ୍ ଓ ଏକାଡେମୀ କାଉନସିଲ୍ ସଦସ୍ୟ ପ୍ରଦୀପ କୁମାର ନାୟକ, ପୂର୍ବତନ ସିନେଟ୍ ସଦସ୍ୟ ସଞ୍ଜୀବ ଆଚାର୍ଯ୍ୟ, ସଂଘମିତ୍ରା ରାଉତ, ରଞ୍ଜିତା ନାୟକ ପ୍ରମୁଖ ଦାବି କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରତିବର୍ଷ ପିଜି ଆଡ୍‌ମିଶନ ନିମନ୍ତେ ବିଭିନ୍ନ ବିଷୟରେ ସିପିଏଟ ପରୀକ୍ଷା କରାଉଛନ୍ତି। ତେଣୁ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ବିଷୟରେ ସ୍ଲେଟ ପରୀକ୍ଷା କରାଇବାରେ କୌଣସି ଅସୁବିଧା ହେବନାହିଁ ବୋଲି ଛାତ୍ରଛାତ୍ରୀ ମତ ପ୍ରକାଶ କରିଛନ୍ତି। ଏଣୁ ରାଜ୍ୟ ସରକାର ରାଜ୍ୟରେ ସ୍ଲେଟ ପରୀକ୍ଷା କରାଇବାକୁ ଛାତ୍ରଛାତ୍ରୀ ଦାବି କରିଛନ୍ତି।

## ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




**ବାରିପଦା, ୨୦।୧(ସମିସ):** ବାରିପଦା ଏମପିସି ସ୍ୱୟଂଶାସିତ କଲେଜର ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଶୈକ୍ଷିକ ମୁଖ୍ୟ ଡ. ଆଲବେର୍ଟିନା ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋକ ଓ ପଦାର୍ଥର ପାରସ୍ପରିକ କ୍ରିୟା ଉପରେ ଭୌତିକ ବିଜ୍ଞାନର ଆଲୋଚନାଚକ୍ର ଶୀର୍ଷକରେ ବିଶେଷଜ୍ଞ ଭାବରେ ଆଇଆଇଟି ଇନ୍ଦୋରରୁ ଡ. ଦେବକୁମାର ରଥ ଏବଂ ଆଇଆଇଟି ମାଡ୍ରାସରୁ ଡ. ସମ୍ବିତ କୁମାର ପୁଷ୍ଟି ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ ଭାବରେ ବିଭାଗ ମୁଖ୍ୟ ଡ ସରୋଜ କୁମାର ପାତ୍ର ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ଆଲୋଚନା ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହ ଆବାହକ ଅଞ୍ଜନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ଶିକ୍ଷା ନୀତି ବାତିଲ ଦାବିରେ ବିକ୍ଷୋଭ
## ବିଭାଗୀୟ ନୋଟିସ୍ ଜାଳି ଜଣାଇଲେ ପ୍ରତିବାଦ




**ବାରିପଦା, ୨୦।୧(ସମିସ):** ଜାତୀୟ ଶିକ୍ଷା ନୀତି-୨୦୨୦ ବାତିଲ ଦାବିରେ ଏଆଇଡିଏସଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜାତୀୟ ଶିକ୍ଷା ନୀତିକୁ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ବିରୋଧ କରି ଏଆଇଡିଏସ୍‌ଓ ପକ୍ଷରୁ ସୋମବାର ବିକ୍ଷୋଭ ପୂର୍ବକ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କମିଟି ପକ୍ଷରୁ ଭଞ୍ଜପୁର ସ୍ଥିତ ବାରିପଦା ମହାବିଦ୍ୟାଳୟ ସମ୍ମୁଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୋଟିସକୁ ଜାଳି ବିକ୍ଷୋଭ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ କେନ୍ଦ୍ର ସରକାର ୨୦୨୦ ମସିହାରେ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଏକତରଫା ଭାବରେ ଜାତୀୟ ଶିକ୍ଷାନୀତି ୨୦୨୦କୁ ଲାଗୁ କରିବା ନେଇ ଅଭିଯୋଗ କରିଛନ୍ତି। ଏହା ଲାଗୁ ହେବାଦ୍ୱାରା ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ, କେନ୍ଦ୍ରୀକରଣ ଓ ଧନ୍ଦାମୁଖୀକରଣର ରାସ୍ତା ତ୍ୱରାନିତ କରିଛନ୍ତି। ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି ସୁପାରିସଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଲାଗୁ କରି ଚାଲିଛନ୍ତି। ପ୍ରଥମେ ସ୍କୁଲ ବନ୍ଦ ଓ ମିଶ୍ରଣ ନୀତି ଲାଗୁ କରି ଗରିବ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ବାନ୍ଧିବା ପରେ ବର୍ତ୍ତମାନ ପୂର୍ବ ପାଠ୍ୟକ୍ରମ ମାଟ୍ରିକ ପରେ ଯୁକ୍ତ ଦୁଇ ପରିବର୍ତ୍ତେ ୩ବର୍ଷର ପ୍ରାକ୍ ପ୍ରାଥମିକ ଶିକ୍ଷାକୁ ଯୁକ୍ତ କରି ୫+୩+୩+୪ ଲାଗୁ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନୋଟିସ୍ ଜାରି କରିଛନ୍ତି। ଏଣୁ ରାଜ୍ୟ ସରକାର ତୁରନ୍ତ ଜାତୀୟ ଶିକ୍ଷାନୀତି ୨୦୨୦କୁ ବାତିଲ କରିବାକୁ ଦାବି କରାଯାଇଛି। ଆଗାମୀ ଦିନରେ ଦାବି ପୂରଣ ନହେଲେ ରାଜ୍ୟରେ ଦୃଢ଼ ଛାତ୍ର ଆନ୍ଦୋଳନ ଗଢ଼ି ଉଠିବ ବୋଲି କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏଆଇଡିଏସଓ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ଅଫିସ୍ ସମ୍ପାଦକ ଯତୀନ ବାନରା, ସଦସ୍ୟ ଗୋବିନ୍ଦ ସିଂ, ଛତିଶ ସିଂ, ସଗେନ୍ ହେମ୍ବ୍ରମ ସଦସ୍ୟା ପୂଜା ସିଂ ଓ ସାବିତ୍ରୀ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ



**ବାରିପଦା, ୨୦।୧(ସମିସ):** ନେହରୁ ଯୁବକେନ୍ଦ୍ର ଏବଂ ବାହାନଡାସ୍ଥିତ ସାଇକା ସୋସାଇଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ବ୍ଲକ ଓ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମସିଏଏମ ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଦୀପ ନାୟକ, ସମ୍ମାନିତଅତିଥି ଭାବେ ହେମନ୍ତ ନାଏକ, ରଣଜିତ ଟୁଡୁ, ସମାଜସେବୀ କ୍ଷୀରୋଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହାରାଜାପୁରସ୍ଥିତ ଖେଳ ପଡ଼ିଆରେ ଆୟୋଜିତ ୨ଦିନିଆ ପ୍ରତିଯୋଗିତାରେ ୧୫ରୁ ୨୯ ବର୍ଷ ମଧ୍ୟରେ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। କବାଡି, ଫୁଟବଲ, ବ୍ୟାଡ଼ମିଣ୍ଟନ, ଦୌଡ଼, ଟାଇକୋଣ୍ଡ ଓ ଏକକ ସାଇକଲ ରେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମୁଦାୟ ୧୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପଙ୍କଜ ସି, ସତ୍ୟପ୍ରକାଶ ମହାନ୍ତ, ସାଇରଞ୍ଜନ ଲେଙ୍କା ପରିଚାଳନା କରିଥିଲେ।

## ହାତୀପଲ ଭାଙ୍ଗିଲେ ଘର; ଅଳ୍ପକେ ବର୍ତ୍ତିଲେ ପରିବାର



**ପୁରୁଣିଆ, ୨୦।୧(ସମିସ):** ବେତନଟୀ ରେଞ୍ଜ ଅନ୍ତର୍ଗତ ପୁରୁଣିଆ ଗ୍ରାମପଞ୍ଚାୟତର କରକଟିଆ ଗାଁରେ ରବିବାର ଭୋରୁ ହାତୀପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି। ଏକ ୪ ଟିକିଆ ହାତୀପଲ କରକଟିଆ ଗ୍ରାମର ପ୍ରଦୀପ ମଝୀଙ୍କ ଘରବାଡିରେ ପ୍ରବେଶ କରିଥିଲେ। ଘରର ସଦସ୍ୟମାନେ କିଛି ଜାଣିବା ପୂର୍ବରୁ ହାତୀପଲ କାନ୍ଥ ଭାଙ୍ଗିବା ଆରମ୍ଭ କରିଦେଇଥିଲେ। କାନ୍ଥ ଭଙ୍ଗା ଶବ୍ଦ ଶୁଣିଲା ପରେ ହାତୀ ଆସିଥିବା ଘରର ଲୋକମାନେ ଜାଣିବାକୁ ପାଇଥିଲେ। ବାହାରେ ୪ଟି ହାତୀ ଥିବାରୁ ବାହାରକୁ ଯିବା ସମ୍ଭବ ହୋଇନଥିଲା। ଦୁଇଜଣ ଛୋଟ ପିଲାଙ୍କ ସହିତ ପ୍ରଦୀପ ଓ ତାଙ୍କ ସ୍ତ୍ରୀ କବିତା ଘର ଭିତରେ ଥିଲେ। ଜୀବନ ବିକଳରେ ସମସ୍ତେ ପଲଙ୍କ ତଳେ ଲୁଚିରହି ଜୀବନ ବଞ୍ଚାଇଥିଲେ। ଆଖପାଖ ଲୋକେ ପାଟି କରିବାରୁ ହାତୀପଲ ସ୍ଥାନ ଛାଡିଥିଲେ। ସ୍ଥାନ ଛାଡିବା ପୂର୍ବରୁ ଘରର କାନ୍ଥ ଭାଙ୍ଗି ଦେଇଥିଲେ। ହାତୀ ପଳାଇବା ପରେ ପିଲାମାନଙ୍କ ସହିତ ଘର ମାଲିକ ବାହାରକୁ ବାହାରି ଥିଲେ ବି ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଥିଲେ। ପରେ ସେ ସ୍ଥାନୀୟ ରାଜସ୍ୱ ବିଭାଗର ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ତେବେ ଘରଟି ସରକାରୀ ଜାଗାରେ ଥିବାରୁ ସେ କୌଣସି କ୍ଷତିପୂରଣ ପାଇ ପାରିବେ ନାହିଁ ବୋଲି ଅଧିକାରୀ ଜଣକ କହିବାରୁ ନିରାଶ ହୋଇ ଫେରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସ୍ଥାନୀୟ ବିଧାୟକଙ୍କୁ ଘର ଭଙ୍ଗା ଭିଡିଓ ପଠାଇବା ସହିତ ଫୋନରେ ଘଟଣା ବିଷୟରେ ଜଣାଇଥିଲେ। ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହିତ କଥା ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବନାଗ୍ନି ନିବାରଣ ସଚେତନତା



**ମହୁଲଡିହା, ୨୦।୧ (ସମିସ):** ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ହାତୀଘୋଡାଠାରେ ବନାଗ୍ନି ସଚେତନତା ସଭା ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ହାତୀଘୋଡା ସରପଞ୍ଚ ଦଶମା ସଏ, ସାଲେଇବେଡା ସରପଞ୍ଚ ପେଲଙ୍ଗ ହୋ, ଚମ୍ପାଝରେ ସରପଞ୍ଚ ବିକ୍ରମ ପିଙ୍ଗୁଆ, ଗୀତିକାର ପଦ୍ମଲୋଚନ ନନ୍ଦ ଓ ସୁବ୍ରତ ବିଶ୍ୱାଳ ଯୋଗ ଦେଇଥିଲେ। ବନପାଳ ବିଦ୍ୟାଧର ମହାନ୍ତ, ବନ୍ଦନା ମହାନ୍ତ, ନଳିନୀ ମହାନ୍ତ, ପ୍ରଦୀପ କିଶୋର ହାଇବୁରୁ, ସିଙ୍ଗରାୟ ପୂର୍ତ୍ତି, ଚନ୍ଦ୍ରଭାନୁ ମହାନ୍ତ, ବନରକ୍ଷୀ ପ୍ରମୋଦ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅଂଶଗ୍ରହଣକାରୀ ସମେତ ସମସ୍ତେ ପଦଯାତ୍ରାରେ ସଚେତନ କରିଥିଲେ।


**एनटीपीसी NTPC — ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇଣ୍ଡଷ୍ଟ୍ରିଆଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କର୍ପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ବର ସୁପର୍ ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ୍-୧ (୧୯୮୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ :
କ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ୍, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଖ) ସାଉଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବେଲି ରୋଡ, ପାଟନା-୮୦୦୦୨୧
ଗ) ଝାଡ଼ଖଣ୍ଡ ଉର୍ଜା ବିକାଶ ନିଗମ ଲିମିଟେଡ, [illegible], ଧୁର୍ଵା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡକୋ ଲିମିଟେଡ, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ପାୱାର ଡିପାର୍ଟମେଣ୍ଟ, ସିକିମ୍ ସରକାର, କାଜି ରୋଡ, ଗାଙ୍ଗଟକ, ସିକିମ୍- ୭୩୭୧୦୧
ଚ) ଗୁଜୁରାଟ ଉର୍ଜା ବିକାଶ ନିଗମ ଲିମିଟେଡ, ସର୍ଦ୍ଦାର ପଟେଲ ବିଦ୍ୟୁତ୍ ଭବନ, ରେସକୋର୍ସ, ବଡୋଦା-୩୯୦୦୦୭
୨. ଷ୍ଟେସନର ଉତ୍ପାଦନ କ୍ଷମତା : ୧୯୮୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୁଞ୍ଜି ମୂଲ୍ୟ: ଟ.୧୫୯୮୩.୯୪ କୋଟି
୪. ପ୍ରାଧିକରଣ ଯାହାର ପୁଞ୍ଜି ମୂଲ୍ୟକୁ ଅନୁମୋଦିତ କରନ୍ତି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୦୧.୦୮.୨୦୨୩ (U#2)
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିର ପୁଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ :

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | | |
|---|---|---|---|---|---|---|---|
| | | 2024-25 (01.04.24-30.03.2025) | 2024-25 (31.03.25-31.03.2025) | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 304477.99 | 306981.24 | 427256.18 | 427509.45 | 435229.41 | 438222.94 | 432861.49 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ) | 3.52 | 3.23 | 3.23 | 3.23 | 3.27 | 3.27 | 3.27 |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ବର ସୁପର୍ ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ୍-୧ (୧୯୮୦ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ ବିଷୟ ଅଭିଯୋଗ, ଯଦି ଅଛି ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.)
ତାରିଖ: ୦୫.୧୨.୨୦୨୪
(ପ୍ରଶାନ୍ତ ଚତୁର୍ବେଦୀ)
ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ


## ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



**ବାରିପଦା, ୨୦।୧(ସମିସ):** ବାରିପଦାର ନୂତନ ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ସୋମବାର ଅପରାହ୍ନରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଓଏଏସ୍ ସ୍ତରରେ ଅଦଳବଦଳ କରାଯାଇଥିଲା। ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଥିଲା। ଉକ୍ତ ସ୍ଥାନରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡ଼ାଙ୍କୁ ନିଯୁକ୍ତ କରାଯାଇଥିଲା। ଏହାକୁ ନେଇ ସେ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୋଗଦାନ କରି ପୂର୍ବ ଉପଜିଲ୍ଲାପାଳ ଶ୍ରୀ ନାଏକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଉପ ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କୁ କାର୍ଯ୍ୟରେ ଯୋଗ ଦେବା ପରେ ଜିଲ୍ଲାପାଳଙ୍କୁ ଭେଟିଥିଲେ। ନୂତନ ଉପ ଜିଲ୍ଲାପାଳଙ୍କୁ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଅଫିସ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ସାଇବର ଥାନା ପ୍ରତିଷ୍ଠାକୁ ୪ ବର୍ଷ ବିତିଲା
## ନାହିଁ ନିଜସ୍ୱ କାର୍ଯ୍ୟାଳୟ; ହୋଇପାରୁନି ସ୍ଥାନ ଚିହ୍ନଟ

**ବାରିପଦା, ୨୦।୧(ସମିସ)**




ମୟୂରଭଞ୍ଜ ଜିଲ୍ଲାରେ ସାଇବର ଥାନା ପ୍ରତିଷ୍ଠା ହେବାର ୪ ବର୍ଷ ବିତିଲାଣି। ଜିଲ୍ଲାବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଗତ ୨୦୨୧ ମସିହା ଡିସେମ୍ବର ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୧୧ଟି ନୂତନ ସାଇବର ଥାନା ପ୍ରତିଷ୍ଠା କରିଥିଲେ। ଏଥିରେ ମୟୂରଭଞ୍ଜ ଜିଲ୍ଲା ସାମିଲ ହୋଇଥିଲା। ଯାହାକୁ ନେଇ ସେହି ବର୍ଷ ଡିସେମ୍ବର ୨୯ ତାରିଖରେ ଜିଲ୍ଲାରେ ପ୍ରଥମ ସ୍ୱତନ୍ତ୍ର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ସେହିଦିନଠାରୁ ଏହି ଥାନାଟି ବାରିପଦା ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରି ଆସୁଛି। ଏହି ଥାନା ଯୋଗୁଁ ଅନଲାଇନ ଠକେଇ, ଇଣ୍ଟରନେଟ୍ ଜରିଆରେ ଠକାମି, ଅର୍ଥନୈତିକ ଅପରାଧ ଆଦିର ତଦନ୍ତକୁ ଗତିଶୀଳ କରାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରୁଛି। ଏଥିସହିତ ଅପରାଧୀଙ୍କୁ ମଧ୍ୟ ସହଜରେ ଠାବ କରାଯିବା ସମ୍ଭବ ହେଉଛି। ତେବେ ଗତ ୨୦୨୪ ମସିହାରେ ବହୁ ସଫଳତା ମିଳିଛି। ଭୁଲବଶତଃ ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଚାଲି ଯାଇଥିବା ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅଭିଯୋଗକାରୀଙ୍କ ନିକଟକୁ ଫେରସ୍ତ ଆସିଲାଣି। ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟ ଏକ ବ୍ୟାଙ୍କ ଆକାଉଣ୍ଟକୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବା ବେଳେ ଭୁଲବଶତଃ ଅନ୍ୟ ଜଣକ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଚାଲି ଯାଉଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ମଧ୍ୟରୁ ୭ଟି ମାମଲାର ସମାଧାନ କରାଯାଇ ଟଙ୍କା ଫେରସ୍ତ ହୋଇଛି। ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ମାମଲା ରୁଜୁ କରି ତ୍ୱରିତ ଯାଞ୍ଚ ପ୍ରକ୍ରିୟା କରାଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ ପ୍ରକ୍ରିୟା କରି ଟଙ୍କା ଫେରସ୍ତ କରାଇଛନ୍ତି। ଇତି ମଧ୍ୟରେ ଖଞ୍ଜୁମଣି ବେହେରାଙ୍କ ୫୦ ହଜାର ଟଙ୍କା, ରାଜେଶ କୁମାର ମିଶ୍ରଙ୍କ ୫୦ ହଜାରଟଙ୍କା, ରାଧିକାମଣି ଗିରିଙ୍କ ୩୫ ହଜାର ଟଙ୍କା, ରାକେଶ କୁମାର ସାହୁଙ୍କ ୪୦ ହଜାର ଟଙ୍କା, ମାଣିକ ହେମ୍ବ୍ରମଙ୍କ ୧୦ ହଜାର ଟଙ୍କା, ଲକ୍ଷ୍ମୀ ନାରାୟଣ କିସ୍କୁଙ୍କ ୨୦ ହଜାର ଟଙ୍କା ଓ ସୁଶୀଲ କୁମାର ହେମ୍ବ୍ରମଙ୍କ ୧୦ ହଜାର ଟଙ୍କା ଫେରସ୍ତ ପାଇଛନ୍ତି। ତେବେ ସମୁଦାୟ ବର୍ଷକ ମଧ୍ୟରେ ୨, ୧୫, ୦୦୦ଟଙ୍କା ଲୋକେ ଫେରସ୍ତ ପାଇବା ସହ ସାଇବର ଥାନା ଜରିଆରେ ଉପକୃତ ହୋଇଛନ୍ତି। ଯଦ୍ୱାରା ବାରିପଦା ସ୍ଥିତ ସାଇବର ଥାନା ପୁଲିସ ସଫଳତା ପୂର୍ବକ କାର୍ଯ୍ୟକୁ ନେଇ ସମସ୍ତେ ଖୁବ ପ୍ରଶଂସା କରିଛନ୍ତି। ଏହା ସହିତ ବିଭିନ୍ନ ସମୟରେ ଯାଞ୍ଚ କରି ଅନେକ ଚୋରି ଓ ଛିନତାଇ ମୋବାଇଲ ଧରିଛନ୍ତି। ଯାହାକି ମୋବାଇଲ ଫେରସ୍ତ ମେଳା ଜରିଆରେ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ପ୍ରତିଷ୍ଠାକୁ ୪ବର୍ଷ ବିତିଥିଲେ ହେଁ ଥାନାର ନିଜସ୍ୱ ଗୃହ ନିର୍ମାଣ ଦୂରରେ ଥାଉ ସ୍ଥାନ ବି ଚିହ୍ନଟ ହୋଇପାରିନାହିଁ। ଫଳରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଏକ କୋଠରୀରେ କାର୍ଯ୍ୟ ଚାଲିଛି। ତୁରନ୍ତ ନୂତନ ସ୍ଥାନ ଚିହ୍ନଟ ସାଙ୍ଗକୁ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ଜରୁରୀ ହୋଇପଡ଼ିଛି।

ଜିଲ୍ଲା ସମାଜ ସୁରକ୍ଷା କାର୍ଯ୍ୟାଳୟ ସମ୍ମୁଖରେ କିନ୍ନର ମହାସଂଘର ବିକ୍ଷୋଭ

# ଲକ୍ଷାଧିକ ଟଙ୍କା ବାଟମାରଣା ଅଭିଯୋଗ



ବାରିପଦା, ୨୦।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ନକଲି କିନ୍ନରଙ୍କୁ ଅସଲି ସଜାଇ ମିଛ ପ୍ରମାଣପତ୍ର ପ୍ରଦାନ କରି ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ନେଇ ଅଭିଯୋଗ ହୋଇଛି; ଯାହାକୁ ନେଇ ମୟୂରଭଞ୍ଜ ଜିଲ୍ଲା କିନ୍ନର ମହାସଂଘ ପକ୍ଷରୁ ସୋମବାର ବାରିପଦା ସ୍ଥିତ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟ ଘେରଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାରେ ପୁରୁଷଙ୍କୁ ନକଲି କିନ୍ନର ପରିଚୟ ଦେଇ ଅସଲି କିନ୍ନରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ହାତେଇବାରେ ଲାଗିଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏନଜିଓ ସଂସ୍ଥା ଗୁଡିକ ହାତେଇ ଅନେକ ପୁରୁଷ ବେଆଇନ ଭାବେ ତୃତୀୟ ଲିଙ୍ଗୀ ପ୍ରମାଣପତ୍ର କରିଥିବାର ନେଇ ମୟୂରଭଞ୍ଜ କିନ୍ନର ମହାସଂଘ ଅଭିଯୋଗ କରିଛି। ଜିଲ୍ଲା ପ୍ରଶାସନ ଠିକ୍ ଯାଞ୍ଚ ନକରି ଆବେଦନକାରୀଙ୍କୁ ମନଇଚ୍ଛା ଭାବେ କିନ୍ନର ପ୍ରମାଣପତ୍ର ପ୍ରଦାନ କରିଛି। ଫଳରେ କିନ୍ନରମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନ ପାରି ରାସ୍ତା କଡରେ ଛିଡା ହେବାକୁ ବାଧ ହେଉଛନ୍ତି। ପ୍ରକୃତ କିନ୍ନର ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ସୂଚନା ଅନୁସାରେ, ଜିଲ୍ଲାରେ ମୋଟ୍ ୪୦ଜଣ କିନ୍ନର ଥିବା ଦାବି କରାଯାଉଥିବା ବେଳେ ସରକାରୀ ସ୍ତରରେ ଏହାର ସଂଖ୍ୟା ୮୯। ଯାହାକି ଭୁଲ ତଥ୍ୟ। ଏଥିପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ କିନ୍ନର ମହାସଂଘ ଦାୟୀ କରିଛି।

ଜିଲ୍ଲାରେ ନକଲି କିନ୍ନରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ପ୍ରକୃତ କିନ୍ନରମାନେ ସରକାରୀ ପ୍ରତ୍ସାହନରୁ ବଞ୍ଚିତ ହେଉଛନ୍ତି। ସରକାର ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରି ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ବେଳେ ତାହା ବାଟମାରଣା ହେଉଥିବା ଅଭିଯୋଗ କରିଛନ୍ତି। ବିଭିନ୍ନ ଯୋଜନାର ବାଟ ମାରଣା ହେଉଥିବା ବେଳେ ଏନଜିଓ ସଂସ୍ଥାଗୁଡ଼ିକ ଲାଭବାନ ହେଉଛନ୍ତି। ବାଧ ହୋଇ ଜଣେ କିନ୍ନର ରାସ୍ତା କଡ଼ରେ ଛିଡା ହେବା ସହ ରେଲଷ୍ଟେସନ ଓ ବସଷ୍ଟାଣ୍ଡ ଆଦିରେ ନାଚ ଗୀତ କରି ଭିକ୍ଷାବୃତ୍ତି କରି ପ୍ରତିପୋଷଣ ହେଉଛନ୍ତି। ତେଣୁ ଏସବୁର ସମାଧାନ କରିବା ସହିତ ଜିଲ୍ଲାର ପ୍ରକୃତ କିନ୍ନରଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗତ ନଭେମ୍ବର ୭ ତାରିଖରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ମହାସଂଘର ସଦସ୍ୟମାନେ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପ୍ରକୃତ କିନ୍ନରମାନଙ୍କ ସଂଖ୍ୟା ଅନୁଧ୍ୟାନ କରିବାକୁ ନିବେଦନ କରିଥିଲେ; କିନ୍ତୁ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିନ ପରେ ଦିନ ଗଡ଼ାଇ ଚାଲିଥିବା ବେଳେ ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ବୋଲି ଅଭିଯୋଗ କରିଛି ମହାସଂଘ। ଯାହାକୁ ନେଇ ଆଜି ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଏହାର ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ନେଇ କିନ୍ନର ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମୟୂରଭଞ୍ଜ କିନ୍ନର ମହାସଂଘ ସଭାପତି ମନୀଷା ସାହୁ, ମାୟା କିସନ୍, ମୟୂରୀ, ଶିବାନି ହାଁସଦା, ହରିଶ୍ଚନ୍ଦ୍ର ସିଂ, ଶ୍ରୀକାନ୍ତ ତରେଇ, ଦଶମାତ ହେମ୍ବ୍ରମ ପ୍ରମୁଖ ବହୁ କିନ୍ନର ଉପସ୍ଥିତ ଥିଲେ।

## ପ୍ରାନ୍ତୀୟ କ୍ରୀଡ଼ା ପ୍ରତିଯୋଗିତା



ରାଇରଙ୍ଗପୁର, ୨୦।୧(ସମିସ): ରାଇରଙ୍ଗପୁର ସହର ସନ୍ନିକଟ ହଳଦା ଶ୍ରୀଗଣେଶ ଶିକ୍ଷାକେନ୍ଦ୍ରରେ ରବିବାର ବିକାଶ ଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ପ୍ରାନ୍ତୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ କାର୍ତ୍ତିକ ଚନ୍ଦ୍ର କାରୁଆ ଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ କ୍ରୀଡାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଲମ୍ବଡିଆଁ, ଦୌଡ଼ ପ୍ରତିଯୋଗିତା, ଥାଳିଆ ଫିଙ୍ଗା ପ୍ରତିଯୋଗିତା, ଗୋଳା ଫିଙ୍ଗା, ଗୋଲି ଉଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ହେମ ମାଝୀ, ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ରଞ୍ଜନ କୁମାର ନନ୍ଦ, ଜାମଦା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ଭୂପତି ଚରଣ ନନ୍ଦୀ ଏବଂ ବିକାଶ ଭାରତୀ ଟ୍ରଷ୍ଟର ଚେୟାରମ୍ୟାନ ସୌମ୍ୟରଞ୍ଜନ ମହାନ୍ତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ର ସଭାପତି ମନୋଜ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମ୍ପାଦକ ବିକାଶ ଚନ୍ଦ୍ର ମହାନ୍ତ ପ୍ରଧାନ ଗୁରୁଜୀ ସୋମନାଥ ମହାନ୍ତ, ଖେଲାରାମ ସୋରେନ, ଗୁରୁମା ଫୁଲ ମୁର୍ମୁ, ପୂଜା କୈବର୍ତ୍ତ, ବାସନ୍ତୀ ମାଝୀ, ଦୁଲହନ ବେଶ୍ରା, ସୁଜାତା କର ଖେଳ ପ୍ରମୁଖ ଗଜାନନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ନାବାଳିକାକୁ ଅନ୍ତଃସତ୍ତ୍ୱା କରିଥିବା ଅଭିଯୁକ୍ତ ଗିରଫ

ମହୁଲଡିହା, ୨୦।୧ (ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଶାଳଚୁଆ ଗ୍ରାମପଞ୍ଚାୟତ ଅଧୀନ ସାତବେଡି ଗ୍ରାମରେ ଜଣେ ବାପଛେଉଣ୍ଡ ଅପ୍ରାପ୍ତ ବୟସ୍କା ବାଳିକାକୁ ଅନ୍ତଃସତ୍ତ୍ୱା କରି ଶରତ ଥାନା ଅଞ୍ଚଳର ଜଣେ ଯୁବକ ଫେରାର ହୋଇଯାଇଥିଲା; ହେଲେ ପୁଲିସ ଏବେ ତାକୁ ଗିରଫ କରିଛି। ପ୍ରକାଶ ଥାଉ କି, ଜନୈକ ନାବାଳିକା ଗତ



୨୦୨୪ ସେପ୍ଟେମ୍ବରରେ ଏତଲା ଦାଏର କରିବା ପରେ ଶରତ ଥାନା ଅଞ୍ଚଳର ଟାପୁ ଓରଫ ଡେବରା ପିଙ୍ଗୁଆ(୨୧)କୁ ପୁଲିସ ଗିରଫ କରିଛି। ସୂଚନା ମୁତାବକ ଡେବରା ଉକ୍ତ ନାବାଳିକାକୁ ୯ ମାସର ଗର୍ଭବତୀ କରି ଓଡ଼ିଶା ବାହାରକୁ ପଳାଇଥିଲା। ଏତଲା ଆଧାରରେ ମହୁଲଡିହା ଥାନା ଅଧିକାରୀ ଅଶୋକ କୁମାର ପହି ପକ୍ସୋ ଆଇନ ବଳରେ ନାବାଳିକାକୁ ଡାକ୍ତରୀ ପରୀକ୍ଷା ପରେ ବାରିପଦା ସୁଧାର ଗୃହକୁ ପଠାଇ ଦେଇ ତଦନ୍ତ ଜାରି ରଖିଥିଲେ। ଗତ ୧୯ ତାରିଖ ଶରତ ଥାନା ଅଧୀନ ବିଲେଶ୍ୱର ରଜତ ନଗର ଗ୍ରାମରେ ଟାପୁ ଘରେ ଥିବା ଖବର ପାଇ ପୁଲିସ ପକ୍ଷରୁ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଛି। ତେବେ ସୁଧାର ଗୃହରେ ଥିବା ଗର୍ଭବତୀ ନାବାଳିକା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି।

## ପଦଯାତ୍ରାରେ ରକ୍ତଦାନ ଓ ବୃକ୍ଷରୋପଣ ସଚେତନତା

ବାରିପଦା, ୨୦।୧(ସମିସ): ରକ୍ତଦାନ ମହତଦାନ। ରକ୍ତଦାନ ଦ୍ୱାରା ଆମେ ଏକ ଜୀବନଦାନ କରିପାରିବା। ଏପରି ବାର୍ତ୍ତା ଦେଇ ଜଣେ ଯୁବକ ପଦଯାତ୍ରାରେ ବାହାରିଛନ୍ତି। ସମସ୍ତଙ୍କୁ ସଚେତନ କରି ରକ୍ତଦାନ କରିବା ପାଇଁ ପ୍ରବର୍ତ୍ତାଇବାର ମହତ ଉଦ୍ଦେଶ୍ୟ ରହିଛି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ବେଲବରିଆ ଗ୍ରାମର ତପସ୍ୱୀ ବେହେରା। ତପସ୍ୱୀ ସଚେତନତାର ବାର୍ତ୍ତା ନେଇ ସୋମବାର ସକାଳୁ ବାରିପଦା ସ୍ଥିତ ମା' ଆମ୍ବିକା ମନ୍ଦିରରୁ ପଦଯାତ୍ରାରେ ଘଟଗାଁ ସ୍ଥିତ ମା' ତାରିଣୀ ମନ୍ଦିର ବାହାରିଛନ୍ତି। ସେ ବାଲେଶ୍ୱରରେ ସାମାଜିକ ଶିକ୍ଷାରେ ସ୍ନାତକୋତ୍ତର ପାଠ ଅଧ୍ୟୟନ କରୁଛନ୍ତି। ଏଥିସହିତ ସେ ସାମାଜିକ ସେବା ସଙ୍ଗଠନ ସହିତ ଜଡିତ ରହିଛନ୍ତି। ରକ୍ତ ଅଭାବ ସମସ୍ୟା କେତେ କଷ୍ଟଦାୟକ। ତାହାକୁ ଅତି ନିକଟରୁ ଜାଣିଛନ୍ତି। ତେଣୁକରି ରକ୍ତଦାନ କରିବାର ନିହାତି ଆବଶ୍ୟକତା ରହିଛି। ଏହାସହିତ ବୃକ୍ଷ ରୋପଣ କରିବା ଦ୍ୱାରା ପରିବେଶ ସନ୍ତୁଳିତ ବଜାଇ ରହିବ। ପ୍ରଦୂଷିତ ପରିବେଶରୁ ଆଗାମୀ ପିଢ଼ିକୁ ସୁରକ୍ଷା ପ୍ରଦାନ କରିବ। ତେଣୁ ବୃକ୍ଷରୋପଣ କରିବାର ମଧ୍ୟ ଆବଶ୍ୟକ ରହିଛି। ଉକ୍ତ ସଚେତନତା ବାର୍ତ୍ତା ନେଇ ଯୁବକ ଜଣକ ପଦଯାତ୍ରାରେ ବାହାରିଛନ୍ତି। ସେଠାରେ ମା' ତାରିଣୀଙ୍କୁ ପୂଜା କରି ଗୁହାରୀ କରିବେ। ଏହି ପରିପ୍ରେକ୍ଷୀରେ ବାରିପଦାଠାରେ ହେଲ୍ପିଂ ହ୍ୟାଣ୍ଡ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



## ବିଶ୍ୱଶାନ୍ତି ଗ୍ରହଯଜ୍ଞ ପ୍ରସ୍ତୁତି ବୈଠକ

କରଞ୍ଜିଆ, ୨୦।୧(ସମିସ): କରଞ୍ଜିଆ ଏନଏସି ଅନ୍ତର୍ଗତ ୧୩ ନମ୍ବର ୱାର୍ଡରେ ଥିବା ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହଙ୍କ ପୀଠରେ ପ୍ରତିବର୍ଷ ମାଘମାସ ସପ୍ତମୀ ତିଥିରେ ତ୍ରିଦିବସୀୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଫେବୃଆରୀ ମାସ ୪ରୁ ଯଜ୍ଞ ଆରମ୍ଭ କରିବା ପାଇଁ ଆଜି ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହ ସେବା ଟ୍ରଷ୍ଟର ଆବାହକ ଅଖିଳ ଚନ୍ଦ୍ର ଗ୍ରହଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୪ ତାରିଖ ଅଙ୍କୁରାରୋପଣ ଆରମ୍ଭ ହୋଇ ୬ ତାରିଖରେ ପୂର୍ଣ୍ଣାହୁତି ହେବ। ବୈଠକରେ ଟ୍ରଷ୍ଟର ସଭାପତି ତ୍ରିଲୋଚନ ପତି, ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଉପ ସଭାପତି କୁମାର ଦେବାଶିଷ ବେହେରା, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସାହା, ପଦ୍ମନାଭ ମହାନ୍ତ, ନାଣ୍ଡି ଦାସ, ଗୌରୀ ସେଠୀ, ଡାକ୍ତର ଯତୀନ ମହାନ୍ତି, ସୁରେଶ ମାଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କାଳିଆ ଗ୍ରହଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଲକି ଗାଁରେ ଫୁଟବଲ ପ୍ରତିଯୋଗିତା



ବଡ଼ସାହି, ୨୦।୧(ସମିସ): ବଡ଼ସାହି ବ୍ଲକର ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଦଲକି ଗ୍ରାମରେ ୧୧ତମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା କେବଳ ଅନୁସୂଚିତ ଜନଜାତି ଅନ୍ତର୍ଗତ ଡମ ସମ୍ପ୍ରଦାୟର ଲୋକଙ୍କୁ ନେଇ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ୮ଟି ଟିମକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି କଲ୍ୟାଣ ସମିତି ରାଜ୍ୟ ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ, ସମ୍ମାନିତ ଅତିଥି ଭାବେ ଉପସଭାପତି ଲୋହିତ କାଳନ୍ଦୀ, ଜିଲ୍ଲା ସମ୍ପାଦକ ହାଡିବନ୍ଧୁ କାଳନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବେତନଟି ଦଳ ଉନ୍ନତ କ୍ରୀଡା ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମଶାଳଦା ଗାଁ ଦ୍ୱିତୀୟ ଏବଂ ବେଙ୍ଗଲ ଟିମ ତୃତୀୟ ସ୍ଥାନ ହାସଲ କରିଛି। ମୁଖ୍ୟଅତିଥି ଶ୍ରୀ କାଳନ୍ଦୀ କୃତୀ ଟିମକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ଯୁବକ ସମାଜକୁ ସଙ୍ଗଠିତ ହୋଇ ନିଜ ଶିକ୍ଷା ଓ ଅଧିକାରୀ ପାଇଁ ସଂଘର୍ଷ କରିବାକୁ ଆହ୍ୱାନ ଦେଇଛନ୍ତି। ଡମ ସମ୍ପ୍ରଦାୟର ବିକାଶ ପାଇଁ ଯୁବଶକ୍ତି ଜାଗ୍ରତ ହେବାର ନିହାତି ଆବଶ୍ୟକ ବୋଲି କହିଛନ୍ତି। କ୍ଲବ ସଭାପତି ଅନିଲ ବେହେରା, ସମ୍ପାଦକ ଧିରେନ ମିର୍ଦ୍ଧା ଓ ଅନ୍ୟ ସହଯୋଗୀମାନେ ପରିଚାଳନା କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



ବାରିପଦା, ୨୦।୧(ସମିସ): ପାଲବଣି ସେଣ୍ଟ ଜାଭିଆର ହାଇସ୍କୁଲ ପରିସରରେ ଖୁଣ୍ଟା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣସାହିର ତାଡକେଶ୍ୱର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୁରାତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କାସ୍ତଙ୍କ ଆହ୍ୱାନରେ ପ୍ରାକ୍ତନ ଶିକ୍ଷକ ସରୋଜ କୁମାର ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ଶିକ୍ଷକ ସୁଶାନ୍ତ କୁମାର ଚୌଧୁରୀ, ସୁନ୍ଦରମୋହନ ବେହେରା, ସଞ୍ଜିବ କୁମାର ଦଣ୍ଡପାଟ, ସହଦେବ ବେହେରା, ସୁରେନ୍ଦ୍ର ନାଥ ସାହୁ, ଗୀତିକୃଷ୍ଣା ମହାପାତ୍ର ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚଳଚ୍ଚିତ୍ର ପ୍ରଯୋଜକ ଶୁଭେନ୍ଦୁ କୁମାର ସାହୁ, ନିର୍ଦ୍ଦେଶକ ତାପସ ସରଘରିଆ, ସଞ୍ଜିବ କୁମାର ସେଠୀ, କୃଷ୍ଣଚନ୍ଦ୍ର ଦଳାଇ, ଶ୍ୟାମସୁନ୍ଦର ସିଂ, ନିତ୍ୟାନନ୍ଦ ମହାନ୍ତ ସମେତ ବହୁ ବିଦ୍ୟାର୍ଥୀ ଯୋଗଦେଇ ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ। ପ୍ରଥମେ କାସ୍ତସାରଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା। ଏହି ଅବସରରେ ନିକଟରେ ଅବସର ନେଇଥିବା ଶ୍ରୀ ଦଣ୍ଡପାଟ, ଶ୍ରୀ ସାହୁ ଏବଂ ଶଙ୍କର୍ଷଣ ଚୌଧୁରୀ ଏବଂ ଜାଭିଆରର ନିର୍ଦ୍ଦେଶକ ଅମିତାଭ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖଣ୍ଡିହୁଡ଼ି ମା' ତାରିଣୀଙ୍କ ବାର୍ଷିକ ଉତ୍ସବ



ଉଦଳା, ୨୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ନିକଟ ଖଣ୍ଡିହୁଡି ମା' ତାରିଣୀଙ୍କ ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ତାରିଖରୁ ତିନି ଧରି ଏହି ଉତ୍ସବ ପାଳିତ ହୋଇଥିବାବେଳେ ରବିବାର ପୂର୍ଣ୍ଣାହୁତି ହୋଇଛି। ମନ୍ଦିରରେ ଆଜି ମାନସିକଧାରୀଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ମା'ଙ୍କ ମନ୍ତ୍ର ପୂଜା ପାଠରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ପରିବେଶ। ବାଲେଶ୍ୱର ଏବଂ ବାରିପଦାରୁ ଶ୍ରଦ୍ଧାଳୁଙ୍କୁ ସୁଅ ଛୁଟିଥିଲା। ତିନି ଦିନ ଧରି ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟି ସଭାପତି ଶ୍ରୀବତ୍ସ କଲିଆ, ବିଶ୍ୱନାଥ ବେହେରା, ଅନାଦି ସାହୁ, ହରିଶ୍ଚନ୍ଦ୍ର ଦାସ, ସରୋଜ ସାମଲ, ନରେନ୍ଦ୍ର ସାହୁ, ସୁଶାନ୍ତ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ; ୩ ଗିରଫ

ବାରିପଦା, ୨୦।୧(ସମିସ): ଜୁଆ ଖେଳୁଥିବା ବେଳେ ଆଡ୍ଡା ଉପରେ ପୁଲିସ ଚଢ଼ଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଜୁଆଖେଳ ସାମଗ୍ରୀ ସହିତ ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫମାନେ ହେଲେ ବଡ଼ସାହି ଥାନା ଅନ୍ତର୍ଗତ ଧବଲଙ୍ଗ ଗ୍ରାମର ସୁନୀଲ କୁମାର ଧଡ଼ା(୨୬), ବଡ଼କେରକୋ ଗ୍ରାମର ଶାନ୍ତନୁ ମହାନ୍ତ(୩୬) ଏବଂ ବାରିପଦା ଟାଉନ ଥାନା ଅନ୍ତର୍ଗତ ପାଲବଣି ଅଞ୍ଚଳର ସରୋଜ କୁମାର ଧଳ(୩୪)। ବାରିପଦା ସଦର ଥାନା ପୁଲିସ ଜୁଆ ଖେଳ ଚାଲୁଥିବା ନେଇ ଖବର ପାଇ କେନ୍ଦୁଆ ହାଟ ଅଞ୍ଚଳରେ ଚଢ଼ଉ କରିଥିଲା। ପରେ ଆଡ୍ଡାରୁ ପୁଲିସ ୩ ଜଣଙ୍କୁ ଗିରଫ କରିବା ସହିତ ଟଙ୍କା, କାର୍ଡ ଓ ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀ ଜବତ କରିଛି ପୁଲିସ।

## ୨୩ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଶୁଳିଆପଦା, ୨୦।୧( ସମିସ): ଶୁଳିଆପଦା ବ୍ଲକ ନେତାଜୀ ମିନି ଷ୍ଟାଡିୟମରେ ଭାଲିଆଶୋଳ ଆଜାଦ କ୍ଲବ୍ ଆନୁକୂଲ୍ୟରେ ୨୩ ତମ ବାର୍ଷିକ ଦୁଇ ଦିନିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ସେଥିରୁ ଜେଏମ୍ ଝିଲିମିଲି ଏଫସି, ବାରିପଦା ଓ କିଙ୍ଗ୍ ଷ୍ଟାର୍ ବାବନଘାଟି ଏଫସି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳରେ ଜେଏମ ଝିଲିମିଲି ଏଫସି ଚଳିତ ବର୍ଷ ପ୍ରଥମ ପୁରସ୍କାର ଗ୍ରହଣ କରି ଚାମ୍ପିଅନ ହୋଇଛି। ସେହିପରି କିଙ୍ଗ୍ ଷ୍ଟାର୍ ବାବନଘାଟି ଏଫସି ରନର୍ସ ଅପ୍ ହୋଇ ଦ୍ୱିତୀୟ ପୁରସ୍କାର ଗ୍ରହଣ କରିଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଣ୍ଟିସାହି ପଞ୍ଚାୟତର ସରପଞ୍ଚ ରାଇମାତ୍ ସୋରେନ୍, ନାଏବ ସରପଞ୍ଚ ଜଗା ସୋରେନ, ଭାଲିଆଶୋଳ ୱାର୍ଡ ସଭ୍ୟ ମିଲି ନାଏକ୍, କଣ୍ଟିସାହି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ହାଁସଦା, ବାରି ୱାର୍ଡସଭ୍ୟ ପ୍ରଦୀପ ତୁଙ୍ଗ ପ୍ରମୁଖ ଯୋଗଦେଇ ଖେଳାଳି ଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ସରପଞ୍ଚ ଶ୍ରୀମତୀ ମୁର୍ମୁ ପ୍ରଥମେ ବଲ୍‌କୁ କିକ୍ ମାରି ଖେଳ ଆରମ୍ଭ କରିଥିଲେ। ସଭାପତି ବିଧାନ ହେମ୍ବ୍ରମ, ସମ୍ପାଦକ ଜୟରାମ ହେମ୍ବ୍ରମଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଖେଳରେ ସହଯୋଗ କରିଥିଲେ।

## ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ବିଶୋଇ, ୨୦।୧ (ସମିସ): ବିଶୋଇ ବଜରଙ୍ଗ ପୀଠ କମିଟି ଆନୁକୂଲ୍ୟରେ ବିଶୋଇ ହନୁମାନ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶନିବାର ଶ୍ରଦ୍ଧାଳୁମାନେ ପ୍ରଥମେ କଳସ ଯାତ୍ରା ସମାପନ ପରେ ଯଥାରୀତିନୀତିରେ



ହନୁମାନଙ୍କ ଉପଚାର ଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ସୂର୍ଯ୍ୟ ପୂଜା, ଗୋ ପୂଜା ସହିତ ସନ୍ଧ୍ୟାରେ ଭଜନ ସମାରହ ଅନୁଷ୍ଠିତ ହୋଇଥିଲା। ସୋମବାର ଅପରାହ୍ନ ସମୟରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ତିନି ଦିନ ଧରି କମିଟି ପକ୍ଷରୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା। ବଜରଙ୍ଗ ପୀଠ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



କରଞ୍ଜିଆ, ୨୦।୧(ସମିସ): ସୋମବାର କରଞ୍ଜିଆରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସପି ବରୁଣ ଗୁଣ୍ଟୁପାଲ୍ଲି ୮୮ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୬୪ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୪ଟି ଗୋଷ୍ଠୀଗତ ଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିଲା। ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସଙ୍କ ସମେତ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, ଡିଏଫଓ ଶ୍ରୀକାନ୍ତ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ଅନିତା ସିଂ, କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, ଶୁକ୍ଳି ତହସିଲଦାର ଯତୀନ୍ଦ୍ର ନାଥ ସେଠୀ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଅଭିଯୋଗ ଶୁଣାଣି ଚାଲିଥିବାବେଳେ କରଞ୍ଜିଆ ପ୍ରଗତି ମଞ୍ଚ ଟ୍ରାଫିକ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ମଞ୍ଚର ସଭାପତି ଦିବ୍ୟପ୍ରସାଦ ସାହୁ, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସରକାରୀ ଓକିଲ ଜଗ ମୋହନ ମହାନ୍ତ, ସାମ୍ବାଦିକ ଜିତେନ୍ଦ୍ର ରାଜ, ସତ୍ୟ ମିଶ୍ର ପ୍ରମୁଖ ଜିଲ୍ଲାପାଳ ଓ ଏସ ପିଙ୍କୁ ଭେଟି କରଞ୍ଜିଆ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିା ଅବରୋଧକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ଉଠା ଦୋକାନୀଙ୍କୁ ଥଇଥାନ କରିବାକୁ ନିବେଦନ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରତିଯୋଗିତା

ଉଦଳା, ୨୦।୧(ସମିସ): ଉଦଳାରେ କପ୍ତିପଦା ଉପଖଣ୍ଡ ସ୍ତରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଳା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ନବମ, ଦଶମ ଶ୍ରେଣୀ ସରକାରୀ ହାଇସ୍କୁଲ ସ୍ତରରେ ଏବଂ ଏକାଦଶ, ଦ୍ୱାଦଶ ଶ୍ରେଣୀ +୨ ସରକାରୀ ଉଚ୍ଚ ମାଧ୍ୟମିକ ସ୍ତରରେ ଉପଖଣ୍ଡ ସ୍ତରୀୟ ଓଡ଼ିଆ ଏବଂ ଇଂରାଜୀ ବକ୍ତୃତା, ଓଡ଼ିଆ ଏବଂ ଇଂରାଜୀ ପ୍ରବନ୍ଧ, ଚିତ୍ରାଙ୍କନ ତଥା କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତାର ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କୃତୀ ପ୍ରତିଯୋଗୀ ଆସନ୍ତା ୨୨ ତାରିଖ ଏମ୍.କେ.ସି. ହାଇସ୍କୁଲ ବାରିପଦାଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଚୟନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ସହିତ ଉପଖଣ୍ଡ ସ୍ତରରେ ଚୟନ ହୋଇଥିବା ସମସ୍ତ କୃତୀ ପ୍ରତିଯୋଗୀଙ୍କୁ କପ୍ତିପଦା ଉପଖଣ୍ଡସ୍ତରୀୟପାଳନ କମିଟି ତରଫରୁ ମଧ୍ୟ ମୁଖ୍ୟ ଅତିଥି କପ୍ତିପଦା ଉପଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯିବ। ବି.ଇ.ଓ. ନୀତିଶ କୁମାର ଘୋଷ, ଏ.ବି.ଇ.ଓ., ଉଦଳା ମିନତୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦଳା ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ।



# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ; ୩ ଗୁରୁତର

ହାଟଡ଼ିହୀ,୨୦ା୧(ସମିସ)





କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ମନୋହରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରେ ଆକ୍ରମଣ ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ନନ୍ଦିପଦା ଥାନାରେ ଦୁଇ ଦୁଇଟି ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ଗ୍ରାମରେ ଥିବା ଏକ ଗୋଷ୍ଠୀକେନ୍ଦ୍ର ଘରେ ରମେଶ ଲେଙ୍କା ନିଜ ଘରକାମ ପାଇଁ କିଛି ସିମେଣ୍ଟ ବ୍ୟାଗ ରଖିଥିଲେ। ଗ୍ରାମର ସରୋଜ ପାତ୍ରଙ୍କ ପୁଅ ଭବିଷ୍ୟତ ପାତ୍ର, କଜଳା ପାତ୍ରଙ୍କ ପୁଅ ସୁବଳ ପାତ୍ର, ସତ୍ୟରଞ୍ଜନ ପାତ୍ର, ପ୍ରୀୟ ରଞ୍ଜନ ପାତ୍ର ପ୍ରମୁଖ କାହିଁକି କ୍ଲବ ଘରେ ସିମେଣ୍ଟ ରଖୁଛ ବୋଲି କହି ଗାଳିଗୁଲଜ କରିଥିଲେ। ଆମେ ଭୋଜି କରିବୁ ତେଣୁ ସିମେଣ୍ଟ ଖାଲିକର ବୋଲି କହିଥିଲେ। ସେହି ଅନୁସାରେ ରମେଶ ଲେଙ୍କା ସିମେଣ୍ଟ ଖାଲି କରି ନେଇଥିଲେ। ରାତିରେ ଭବିଷ୍ୟତ ଓ ତାଙ୍କ ସାଙ୍ଗମାନେ ଭୋଜି କରିବା ସହିତ ରମେଶଙ୍କ ଦାଦା ପୁଅ ଭାଇ ପ୍ରସନ୍ନକୁ ଭୋଜି ଖାଇବାକୁ ବାକିଥିଲେ। କିନ୍ତୁ ପ୍ରସନ୍ନ ପହଞ୍ଚିବା ପରେ ଭବିଷ୍ୟତ ଓ ତାର ସାଙ୍ଗମାନେ ରମେଶ କାହିଁକି ସିମେଣ୍ଟ ରଖିଥିଲା ବୋଲି କହି ରମେଶକୁ ଗାଳି ଗୁଲଜ କରିଥିଲେ। ପ୍ରସନ୍ନ ଏହାକୁ ବିରୋଧ କରିବାରୁ ଭବିଷ୍ୟତ ଓ ତାର ସାଙ୍ଗମାନେ ମିଳିତ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରସନ୍ନର ଚିତ୍କାର ଶୁଣି ରମେଶ, ତାର ସ୍ତ୍ରୀ ଅନୁସୟା, ନରେଶ ଲେଙ୍କା ପ୍ରମୁଖ ଦୌଡି ଆସିବାରୁ ଆକ୍ରମଣକାରୀ ମାନେ ସେମାନଙ୍କୁ ମଧ ଛାଡି ନଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଶାଳନିଆଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ପ୍ରସନ୍ନ ଓ ରମେଶଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ ରମେଶଙ୍କ ପୁଅ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲା ବେଳେ କଜଳାଙ୍କ ପରିବାର ପକ୍ଷରୁ ପାଲଟା ଅଭିଯୋଗ ହୋଇଥିବା ଜଣା ଯାଇଛି। ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁଚନା ଦେଇଛନ୍ତି।

## ପାଚିକା ନିଯୁକ୍ତି ବିଳମ୍ବକୁ ନେଇ ଅସନ୍ତୋଷ

**ଆନନ୍ଦପୁର,୨୦ା୧(ସମିସ):** ସ୍ଥାନୀୟ ବେଲପାହଡ ନୋଡାଲ ୟୁଜି ୟୁପି ବିଦ୍ୟାଳୟ ମଣତାରେ ନୂତନ ପାଚିକା ନିଯୁକ୍ତି ବିଳମ୍ବକୁ ନେଇ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଥାଉକି ଗତ ୩୦-୯-୨୪ରିଖ ପତ୍ର ସଂଖ୍ୟା ୭୧୦ ଏବଂ ବିଇଓ ତା ୨୦-୧୦-୨୪ରିଖ ପତ୍ର ସଂଖ୍ୟା ୧୬୮୦ ଦ୍ୱାରା ନୂତନ ପାଚିକା/ରୋଷେୟା ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ହୋଇଥିଲା। ଉଭୟ ପତ୍ର ସଂଖ୍ୟାକୁ ଲକ୍ଷକରି ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସିଂ ତା. ୨୯-୧୦-୨୪ରିଖ ପତ୍ର ସଂଖ୍ୟା ୨୦ ଦ୍ୱାରା ସର୍ବସର୍ବସାଧାରଣ ଅବଗତି ନିମନ୍ତେ ପ୍ରକାଶ କରିଥିଲେ। ସର୍ତ୍ତ ନିୟମାବଳୀ ଅନୁଯାୟୀ ଯୋଗ୍ୟ ଇଚ୍ଛୁକ ମହିଳା ତା.୨୯-୧୦-୨୪ ଠାରୁ ତା .୪-୧୧-୨୪ ରିଖ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟାଳୟରେ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତା. ୭-୧୧-୨୪ ରିଖ ଦିବା ୧୧ଘଟିକା ସମୟରେ ନୂତନ ପାଚିକା/ରୋଷେୟା ନିଯୁକ୍ତି କରିବା ବିଜ୍ଞପ୍ତିରେ ପ୍ରକାଶ ପାଇଥିଲା। ତେବେ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ଦୁଇ ମାସ ବିତିଯାଇଥିଲେ ସୁଧା କୌଣସି ନୂତନ ପାଚିକା ନିଯୁକ୍ତି ହୋଇ ପାରିନାହିଁ। ଏହି ବିଳମ୍ବିତ ଘଟଣାକୁ ନେଇ ଗ୍ରାମବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେବା ସହିତ ଅସନ୍ତୋଷ ପ୍ରକାଶ ପାଉଛି। ଆଗାମୀ ଦିନରେ ଉପରିସ୍ଥ ଅଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ ଗ୍ରାମ ବାସୀଙ୍କ ଦାବି ରହୁଛି।

## ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ

**ତୁରୁମୁଙ୍ଗା,୨୦ା୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକସ୍ତରୀୟ ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା ଓ ଅର୍ଥନୈତିକ ଅନଗ୍ରସର ମେଧା ବୃତ୍ତି ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ବେଧାବୃତ୍ତି ପରୀକ୍ଷାରେ ତୁରୁମୁଙ୍ଗା ଶିଶୁ ମନ୍ଦିର ମଧୁସ୍ମିତା ମହାନ୍ତ ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ କେତାଙ୍ଗ ସିଦ୍ଧ ବିନାୟକ ସରସ୍ୱତୀ ବିଦ୍ୟା ମନ୍ଦିରର ଡେଜିସ୍ମିତା ମହାନ୍ତ, ତୃତୀୟ ସ୍ଥାନରେ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତରଙ୍ଗିନୀ ମହାନ୍ତ, ୪ର୍ଥ ସ୍ଥାନରେ କେତାଙ୍ଗ ସିଦ୍ଧବିନାୟକ ସରସ୍ୱତୀ ବିଦ୍ୟା ମନ୍ଦିରର ସସ୍ମିତା ମହାନ୍ତ, ୫ମ ସ୍ଥାନରେ ଅସନ ବାହାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶୁଭେନ୍ଦୁ ଶେଖର ମହାନ୍ତ, ଷଷ୍ଠ ସ୍ଥାନରେ ପାଟଣା ଶିଶୁବିଦ୍ୟା ମନ୍ଦିରର ପରିସ୍ମିତା ସେଠୀ, ସପ୍ତମ ସ୍ଥାନରେ କଇଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟନ୍ ଜେନା ରହିଥିବା ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସୂଚନା ଦେଇଛନ୍ତି। ସେହିଭଳି ତୃତୀୟ ଶ୍ରେଣୀ ଅର୍ଥନୀତି ଅନଗ୍ରସର୍ ବର୍ଗରେ ମେଧାବୃତ୍ତି ତାଲିକାରେ ୭ ଜଣ ଛାତ୍ରୀଛାତ୍ର ରହିଛନ୍ତି। ପ୍ରଥମ ସ୍ଥାନରେ ପଦ୍ମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରିତମ ମହାନ୍ତ, ଦ୍ୱିତୀୟ ସ୍ଥାନରେ ଟାଙ୍ଗରପଡ଼ା ଶିଶୁ ମନ୍ଦିର ଶ୍ରୀୟାନ୍ସି ସାହୁ, ତୃତୀୟ ସ୍ଥାନରେ ପାଟଣା ଶିଶୁ ମନ୍ଦିରର ହରପ୍ରିୟା ମହାନ୍ତ, ଚତୁର୍ଥ ଶିଶୁମନ୍ଦିର କେତାଙ୍ଗର ସିଦ୍ଧ ବିନାୟକ ଶିଶୁ ମନ୍ଦିରର ସେଲିନା ଗିରି, ପଞ୍ଚମ ସ୍ଥାନରେ ଖୁଣ୍ଟାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପଦ୍ମିନୀ ସାହୁ, ଷଷ୍ଠ ସ୍ଥାନରେ ତୁରୁମୁଙ୍ଗା ଶିଶୁ ମନ୍ଦିରର ଖୁସିରାଣୀ ସାହୁ, ସପ୍ତମ ସ୍ଥାନରେ ଖିରେଇଟାଙ୍ଗିରୀ ଶିଶୁ ମନ୍ଦିରର ଚିରାଗ ନାଏକ ଉତ୍ତୀର୍ଣ୍ଣ ହୋଇଛନ୍ତି।

## କଲଭର୍ଟ ତଳକୁ ଖସି ଯୁବକ ମୃତ

ବନ୍ତ/ଆଗରପଡ଼ା,୨୦ା୧(ସମିସ): ବନ୍ତ ବ୍ଲକ ଆଗରପଡ଼ା ଧାନା ଅନ୍ତର୍ଗତ ଧାନଘର ବାସିନ୍ଦା ଶଙ୍କର୍ଷଣ ଦେହୁରୀଙ୍କ ପୁଅ ମଦନ(୫୫)ଘରୁ ଖାଇସାରି ସ୍ଥାନୀୟ ନୂଆପୋଖରୀ ସ୍କୁଲ ସମ୍ମୁଖରେ ଥିବା କଲଭର୍ଟ ଉପରେ ବିଶ୍ରାମ ନେଉଥିଲେ। ହଠାତ୍ କୋଣସି କାରଣ ବସତଃ ସେ ନିଦରୁ ଉଠି ପଡ଼ିଥିଲେ ସତ କିନ୍ତୁ ନିଜକୁ ନିୟନ୍ତ୍ରଣରେ ରଖି ନପାରି କଲଭର୍ଟ ତଳ ନୟନଯୋରିକୁ ଗଳି ବଡ଼ିଥିଲେ। ତଳେ ପଥରରେ ତାଙ୍କ ମୁଣ୍ଡ ଜୋରରେ ବାଡ଼େଇ ହେବାସହ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଏନେଇ ଆଗରପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

## ଶୁଆକାଟୀ ଖଣିରୁ ପରିବହନ ବନ୍ଦ ଚେତାବନୀ



**କେନ୍ଦୁଝର,୨୦ା୧(ସମିସ):** ଓଡ଼ିଶା ଖଣି ନିଗମ ଅଧୀନ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହଖଣିରୁ ୧୦କିମି ବ୍ୟାସାର୍ଦ୍ଧରେ ଥିବା ବଫର ଜୋନରେ ଅବସ୍ଥିତ ଟ୍ରକ ମାଲିକଙ୍କୁ ଖଣିରୁ ପରିବହନ ସମେତ ବେକାରୀଙ୍କୁ ନିଯୁକ୍ତି ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଗଠିତ କୋର କମିଟି ସଦସ୍ୟ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ଅନ୍ୟ ଅଞ୍ଚଳରେ ଥିବା ଖଣିର ୧୦କିମି ବ୍ୟାସାର୍ଦ୍ଧ ମଧ୍ୟରେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ଖଣିଜସମ୍ପଦ ପରିବହନ କ୍ଷେତ୍ରରେ ଲୋଡିଂ ପାଇଁ ଅଗ୍ରାଧିକାର ପ୍ରଦାନ କରାଯାଇ ଆସୁଛି। ହେଲେ ଶୁଆକାଟୀ ଖଣିରୁ ଖଣି ପ୍ରଭାବିତ କେନ୍ଦୁଝର ସହରର ଟ୍ରକ ମାଲିକଙ୍କୁ ଏହି ସୁବିଧା ପ୍ରଦାନ କରାଯାଉ ନଥିବା ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ କୋର କମିଟି ସଦସ୍ୟ ନିହାର ଦାସ କହିଛନ୍ତି। ଏଥିସହ ଶୁଆକାଟୀ ଖଣିରୁ ଖଣି ପ୍ରଭାବିତ ଅଞ୍ଚଳବାସୀ ଭାବେ କେନ୍ଦୁଝର ସହରର ଟ୍ରକ ମାଲିକଙ୍କୁ ଖଣିଜ ସମ୍ପଦ ପରିବହନ ପାଇଁ ଅଗ୍ରାଧିକାର ଭିତ୍ତିରେ କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ଲୋଡିଂ ସ୍ଲିପ୍ ଯୋଗାଇ ଦେବାକୁ ମଧ ନିହାର ଦାବି କରିଛନ୍ତି। ଏହି ମର୍ମରେ କୋର କମିଟି ସଦସ୍ୟ ଦିପ୍ତୀକାନ୍ତ ପଟ୍ଟନାୟକ, ସୁଶୀପ ସାହୁ, ପାର୍ଥସାରଥୀ ମିଶ୍ର, ଅମର ପଟ୍ଟନାୟକ, ଶିବବ୍ରତ ଧୀର ପ୍ରମୁଖ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଆସନ୍ତା ୨୬ ତାରିଖସୁଦ୍ଧା ଦାବି ପୂରଣ ନ ହେଲେ ବାଧ ହୋଇ ଆସନ୍ତା ୨୭ ତାରିଖରୁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହଖଣିରୁ ଖଣିଜସମ୍ପଦ ଲୋଡିଂ ପରିବହନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି କୋର କମିଟି ସଦସ୍ୟ ନିହାର ଦାସ କହିଛନ୍ତି।

## ସତ୍ୟକାମ ଭରଦ୍ୱାଜ ରଣଜୀ ଟିମ୍‌ରେ ସାମିଲ



**ଭଦ୍ରକ,୨୦ ା୧(ସମିସ):**ଓଡିଶା କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ସଦ୍ୟ ପ୍ରକାଶିତ ଓଡିଶା ରାଜ୍ୟ ରଣଜୀ ଦଳରେ ଭଦ୍ରକର ସତ୍ୟକାମ ଭରଦ୍ୱାଜ ସ୍ଥାନ ପାଇଛନ୍ତି। ଜଣେ ଡାହାଣ ହାତୀ ଅଫ୍ ସ୍ପିନର୍ ତଥା ବ୍ୟାଟ୍ସମ୍ୟାନ ରୂପେ ରାଜ୍ୟରେ ତାଙ୍କର ପ୍ରସିଦ୍ଧି ରହିଛି। ଭଦ୍ରକ ସହରର ଅସ୍ତଳ ଅଞ୍ଚଳରେ ଗୋଟିଏ ମଧ୍ୟବିତ୍ତ ପରିବାରରେ ସତ୍ୟକାମଙ୍କ ଜନ୍ମ। ତାଙ୍କ ପିତାମାତାଙ୍କ ନାମ ଲାବଣ୍ୟ ମହାପାତ୍ର ଓ ସୁରେଶ ମହାପାତ୍ର। ସେ ଭଦ୍ରକ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରୁଥିଲା ବେଳେ କ୍ରିକେଟ୍ ପ୍ରତି ଆକର୍ଷିତ ହୋଇଥିଲେ ଏବଂ ଭଦ୍ରକର ଯଶସ୍ୱୀ କ୍ରୀଡା ଅନୁଷ୍ଠାନ "ଜଗନ୍ନାଥପୁର କ୍ରିକେଟ୍ କ୍ଲବ୍'(ଜେସିସି)ରୁ ନିଜର କ୍ରିକେଟ୍ ଜୀବନ ଆରମ୍ଭ କରିଥିଲେ। ଏଇଠି ତାଙ୍କ ପ୍ରତିଭା ପୂର୍ଣ୍ଣ ବିକଶିତ ହୋଇଥିଲା ଏବଂ ସେ ଓସିଏ ଦ୍ୱାରା ଆୟୋଜିତ ବିଭିନ୍ନ ବର୍ଗର ଟୁର୍ଣ୍ଣାମେଣ୍ଟରେ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ଜଣେ ନିୟମିତ କ୍ରିକେଟର୍ ରୂପେ ପ୍ରତିନିଧିତ୍ୱ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ ମନୋନୟନ କମିଟି ମାନଙ୍କର ନଜରକୁ ଆସିଥିଲେ। ୨୦୧୮ ମସିହାରେ ସେ ଓଡିଶା ୧୯ ବର୍ଷରୁ କମ୍ ଟିମ୍ ର ସ୍ଥାନ ପାଇଥିଲେ। ୨୦୧୯ ଓ ୨୦୨୦ ମସିହାରେ ତାଙ୍କ ସ୍ଥାନ ସୁରକ୍ଷିତ ଥିଲା। ୨୦୨୨ ମସିହାରେ ସେ ଓଡିଶା ଅଣ୍ଡ-୨୩ ଟିମ୍‌ରେ ମନୋନୀତ ହୋଇ ୨୦୨୪ କ୍ରୀଡାଋତୁ ପର୍ଯ୍ୟନ୍ତ ଖେଳି ଆସୁଥିଲେ। ଏବେ ସେ ସମ୍ମାନଜନକ ଓଡିଶା ରଣଜୀ ଟିମ୍‌ରେ ସାମିଲ୍। ଭଦ୍ରକରୁ ହର୍ଷିତ ରାଠୋରଙ୍କ ସହ ରାଜ୍ୟ ରଣଜୀ ଦଳରେ ସ୍ଥାନ ପାଇବାରେ ସେ ହେଉଛନ୍ତି ଦ୍ୱିତୀୟ କ୍ରିକେଟର। ସତ୍ୟକାମଙ୍କ ଏ କୃତିତ୍ୱ ଭଦ୍ରକରେ ଆନନ୍ଦର ଲହରୀ ଆଣିଛି। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଭାପତି ଉପେନ୍ଦ୍ର ବାରିକ, ସାଧାରଣ ସମ୍ପାଦକ ଧୀରେନ୍ ପଲାଇ, ଉପସଭାପତି ଭବତୋଷ ଦାସ, ଯୁଗ୍ମ ସମ୍ପାଦକ ନୀଳମାଧବ ଦାସ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଓଡିଶା କୋଚ୍ କେ.ଭି. ପ୍ରସାଦ ଏବଂ ଜଗନ୍ନାଥପୁର କ୍ରିକେଟ୍ କ୍ଲବ୍‌ର କୋଚ୍ ମନୋଜ ସାହୁ, ଅସିତ ଦାସ ପ୍ରମୁଖ ସତ୍ୟକାମଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରଭାବୀ ପ୍ରଦର୍ଶନ ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି।

## ମା' ମଙ୍ଗଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଆନନ୍ଦପୁର,୨୦ା୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତ ଅଧୀନ ତାଳଗାଁର ମା' ମଙ୍ଗଳା କ୍ଲବ୍ ତରଫରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଲଣା ସରପଞ୍ଚ ଜୋସ୍ନାରାଣୀ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଖାଳିଆମେଣ୍ଡା ସରପଞ୍ଚ ବୃନ୍ଦାବନ ଜେନା ଓ ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଦୈତାରୀ ମହାକୁଡ଼ ଯୋଗ ଦେଇଥିଲେ। ୮ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ଇନ୍ଦୁପୁରା ବ୍ୟାଟିଂ କରି ୮୫ ରନ ସଂଗ୍ରହ କରିଥିଲା। ଭାଲୁକୁମା ୮ ଓଭରରେ ୭୧ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଶଶିକାନ୍ତ ମଲ୍ଲିକ ଓ ବିଚିତ୍ର ପାତ୍ର ଏବଂ କ୍ଲବ୍‌ର ସମସ୍ତ ସଦସ୍ୟ ଗଣ ସହଯୋଗ କରିଥିଲେ।

## ଅଧ୍ୟାପକ କୁମାର ପ୍ରିୟଦର୍ଶନଙ୍କ ପରଲୋକ



**ଭଦ୍ରକ,୨୦ ା୧(ସମିସ):**ଭଦ୍ରକ ଜିଲ୍ଲା ମତୋ ଏଲ୍ଏଲ୍ଏସ କନିଷ୍ଠ ମହାବିଦ୍ୟାଳୟର ସାମାଜଶାସ୍ତ୍ର ବିଭାଗର ଯୁବ ଅଧ୍ୟାପକ କୁମାର ପ୍ରିୟଦର୍ଶନ (କୁନି ସାର) (୫୦)ଙ୍କ ଅକାଳ ବିୟୋଗ ଘଟିଛି । ତାଙ୍କ ବିୟୋଗରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକାକୁଳ ପରିବେଷ ସୃଷ୍ଟି ହୋଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ଦାଖଲ କରାଯାଇଥିଲା। ସେଠାରେ ଅଧ୍ୟାପକ କୁମାର ପ୍ରିୟଦର୍ଶନଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଆଜି କଲେଜ ପରିସରରେ ଶୋକସଭା ଅନୁଷ୍ଠିତ ଥିଲା। ସେ ଜଣେ ଅଭିଜ୍ଞ, ମେଳାପୀ, ଛାତ୍ର ବତ୍ସଳ ଓ ଦକ୍ଷ ଅଧ୍ୟାପକ ଭାବେ ଛାତ୍ର ଛାତ୍ରୀ ଅଭିଭାବକ, ବୁଦ୍ଧିଜୀବୀ ଏବଂ ସମସ୍ତ ସହକର୍ମୀ ଙ୍କ ପାଖରେ ବେଶ ଆଦୃତ ହୋଇ ପାରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରନେତା ଭାବେ ମଧ ବେଶ ପରିଚିତ ଥିଲେ। ଗତ କିଛି ଦିନ ତଳେ ଛାତି ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ କୁନି ସାରଙ୍କର ବିୟୋଗରେ ତାଙ୍କ ଧର୍ମପତ୍ନୀ ଓ ଛୋଟ ଛୁଆ ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି।

## ବାବା ଶନିଶ୍ଚରଙ୍କ ବିଗ୍ରହ ଆଗମନ



ବେଲବାହାଳି,୨୦ା୧(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି (ସିଆପଡ଼ା) ଠାରେ ଚଳିତ ବର୍ଷ ଫେବୃଆରୀ ମାସରେ ବାବା ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ହେବାକୁ ଯାଉଛି। ଏହି ଉପଲକ୍ଷେ ଆଜି ସିଆପଡ଼ା ଗ୍ରାମର ଶିଳ୍ପୀକାର ବସନ୍ତ ରାଉତଙ୍କ ଘରୁ ପୂଜକ ମହେଶ୍ୱର ପାଢ଼ୀ ଓ ବାବା ଅଚ୍ୟୁତ୍ୟନନ୍ଦଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ଶଙ୍ଖ, ଘଣ୍ଟ, କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ବେଲବାହାଳି ନିତାଇ ଗୌରମଠକୁ ବିଗ୍ରହ ଆଗମନ ହୋଇଛନ୍ତି। ୨୦୨୨ ମସିହାରୁ ଗ୍ରାମବାସୀ ଓ ନିତାଇଗୌର ମଠର ସମସ୍ତ ସଦସ୍ୟଙ୍କ ସାହାଯ୍ୟ ସହଯୋଗରେ ଆରମ୍ଭ ହୋଇଥିବା ବାବା ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଖୁବ ଧୁମ ଧାମରେ ପାଳନ ହେବ ବୋଲି କମିଟି ପକ୍ଷରୁ ଜଣାଯାଇଛି। ଏଥିରେ କମିଟିର ସଦସ୍ୟ ପ୍ରଭାକର ସାହୁ, ଗୋବର୍ଦ୍ଧନ ଦାସ, କାର୍ତ୍ତିକ ଚରଣ ସାହୁ, ନିରଞ୍ଜନ ସାହୁ, ଭାଗିରଥି ଦାସ, ସଞ୍ଜୟ ସାହୁ, ରବୀନ୍ଦ୍ର କୁମାର ଶତପଥୀ, ସତ୍ୟାନନ୍ଦ ସାହୁ, ହରପ୍ରସାଦ ସାହୁ, ବିଚିତ୍ର ସାହୁ, ଅପର୍ତ୍ତି ସାହୁ, ବୈକୁଣ୍ଠ ରାଉତ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

### ଆଦିବାସୀଙ୍କ ବୁଜୁନି ପର୍ବ

## ଇଷ୍ଟଦେବଙ୍କୁ ସମର୍ପଣ ପରେ ଭୋଜିଭାତ



**ରାମଚନ୍ଦ୍ରପୁର,୨୦ ା୧(ସମିସ):** ଆଦିବାସୀ ପରମ୍ପରା ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ତିଥି ବାର ଅନୁସାରେ ଗତକାଲି ପାଳନ ହୋଇଛି ଧାର୍ମିକ ବୁଜୁନି ପର୍ବ। ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ନୂହାମାଳିଆ ଆଦିବାସୀ ବସ୍ତିର ସମସ୍ତ ପରିବାର ଗାଁ ମୁଣ୍ଡ ପଡିଆରେ ଏକତ୍ରିତ ହୋଇଥାନ୍ତି। ଉଦ୍ଦେଶ୍ୟ ଗାଁକୁ ଆସୁରିକ ଏବଂ ଖରପ ଆତ୍ମା ପ୍ରକୋପରୁ ରକ୍ଷା କରିବା। ସବୁ ପରିବାର ଗାଁ ମୁଣ୍ଡ ପଡିଆରେ ଏକତ୍ରିତ ହୋଇ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଚୁଲିରେ ବିଭିନ୍ନ ପ୍ରକାର ଆମିଷ ଯଥା- ମାଛ ମାଂସ ଭୋଜିଭାତ ରାନ୍ଧିଥାନ୍ତି। ପରେ ସାମୂହିକ ଭାବେ ପ୍ରସ୍ତୁତ ଖାଦ୍ୟକୁ ନାଲି କୁକୁଡା ବଳି ସହ ଗ୍ରାମଦେବତୀଙ୍କୁ ଅର୍ପଣ କରିବା ପରେ ଛୋଟରୁ ବଡ ସମସ୍ତେ ଏକତ୍ରିତ ହୋଇ ସେହିଠାରେ ଖାଦ୍ୟ ଖାଇଥାନ୍ତି। ଏହାରି ଭିତରେ ଗାଁ ଦେହୂରୀ ପୂଜକ ଘନଶ୍ୟାମ ବିରୁଆ, ଲମ୍ବୋଦର ପୂର୍ତ୍ତୀ, ଡାକୁଆ ବଳରାମ କୁଇଙ୍କଲ, ଟୁକୁନ ସିଙ୍କୁ, ଦାମୋଦର ବାରି, କଙ୍କା ସିଙ୍କୁ, ସିମାଲ୍ ସିଙ୍କୁ, ବେରଗା ହେମ୍ବ୍ରମ୍, ଚନ୍ଦନ ବିରୁଆ, ବୁଲବୁଲ ବିରୁଆ, ଗୁମାନ ଚାତାର ପ୍ରଭୃତି ଗାଁ ଚର୍ତୁପାର୍ଶ୍ୱରେ ବୁଲି ଜଙ୍ଗଲରୁ ସଂଗୃହିତ ହୋଇଥିବା ଚେରମୂଳି ଔଷଧ ଛିଞ୍ଚନ କରି ବାଟ ବନ୍ଦନା କରିବା ଘର ଦ୍ୱାର ସମ୍ମୁଖରେ ଛିଞ୍ଚନ କରି ଆସରିକ ଏବଂ ଖରାପ ଆତ୍ମାଠାରୁ ଗାଁକୁ ସୁରକ୍ଷା ଦେବାକୁ ପ୍ରୟାସ କରିଥାନ୍ତି। ଏଭଳି ନିଆରା ପରମ୍ପରାକୁ ପିଢ଼ିପରେ ପିଢ଼ି ବର୍ଷ ବର୍ଷ ଧରି ପାଳନ କରି ଆସୁଛନ୍ତି। ପ୍ରତି ବର୍ଷ ପରି ଚଳିତ ବର୍ଷ ମକର ଉତ୍ସବ ପାଳନ ସହ ଏହି ବୁଜୁନି ପର୍ବ ପାଳନ ହୋଇଛି।

### ବରାଙ୍ଗ ଜଙ୍ଗଲରେ ବଢ଼ୁଛି ସଂକ୍ରମଣ

## ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଗୋ-ଟିକାକରଣ



ରାମଚନ୍ଦ୍ରପୁର,୨୦ ା୧(ସମିସ): ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ସନ୍ନିକଟ ଗାଁ ମାନଙ୍କରେ ଥିବା ଗୋରୁଗାଈ, ଛେଳିମେଣ୍ଢା ଶୀତ ଦିନରେ ବିଭିନ୍ନ ଭୂତାଣୁ ତଥା ସଂକ୍ରାମକ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ସ୍ଥାନୀୟ ଜଙ୍ଗଲ ମଧ୍ୟରେ ପ୍ରବେଶ କରି ବହୁଳ ଭାବରେ ରହୁଥିବା ହରିଣ, ସମ୍ବର ବଂଶ ସଂକ୍ରମିତ ହେବା ଆଶଙ୍କା ଥିବାରୁ ପ୍ରତିକାର ସ୍ୱରୁପ ସ୍ଥାନୀୟ ବନବିଭାଗ ସଜାଗ ହୋଇଛି। ଆନନ୍ଦପୁର ଡିଏଫ୍ଓ ଅଭୟକୁମାର ଦଳେଇଙ୍କ ନିର୍ଦ୍ଦେଶରେ ଗତକାଲି ଠାରୁ ଜଙ୍ଗଲ ସନ୍ନିକଟ ତିଗିରିଆ, ନଣ୍ଡାବର ଗ୍ରାମରେ ଗୋ ଟିକାକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଗୋ ସମ୍ପଦ ବିଭାଗ ଏବଂ ବନବିଭାଗର ମିଳିତ ସହଯୋଗରେ, ଡାକ୍ତର ସରୋଜ ମହାନ୍ତି, ପ୍ରାଣୀଧନ ନିରୀକ୍ଷକ ରଞ୍ଜନକୁମାର ସାହୁ ସହକର୍ମୀ ଏବଂ ବନବିଭାଗ ତରଫରୁ ରେଞ୍ଜର ନବକିଶୋର ନାୟକ, ଫରେଷ୍ଟର କେଦାର ପାତ୍ର, ଫରେଷ୍ଟଗାର୍ଡ ଜ୍ୟୋସ୍ନାମୟୀ ଜେନା ସମେତ ସ୍ଥାନୀୟ ବନସୁରକ୍ଷା ସମିତିର ସଦସ୍ୟ, ଜଙ୍ଗଲ ସୁରକ୍ଷାକର୍ମୀଙ୍କ ମିଳିତ ସହଯୋଗରେ ଏକ ହଜାରରୁ ଉର୍ଦ୍ଧ ଗୋରୁ ଗାଇ, ଛେଳିମେଣ୍ଢାଙ୍କୁ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ଟିକା ଦିଆଯାଇଛି। ପର୍ଯ୍ୟାୟ କ୍ରମେ ନୂହାମାଳିଆ, ବରାଙ୍ଗ, ପୁରୁଣାବାନ୍ଧଗୋଡା, କିର୍ତ୍ତନପାଟିଆ, ଗଁପୁର, କରଡାପାଳ ପ୍ରଭୃତି ଗ୍ରାମରେ ଏହି ଟିକାକରଣ କାର୍ଯ୍ୟକ୍ରମ ଚାଲିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଭିନ୍ନ ସମସ୍ୟା ମଧ୍ୟରେ ଗୋବିନ୍ଦପୁର ବିଦ୍ୟାଳୟ

ହାଟଡିହୀ,୨୦ା୧(ସମିସ)



ହାଟଡିହୀ ବ୍ଲକ ଅନ୍ତର୍ଗତ ସମଣା କ୍ଲଷ୍ଟର ଅଧୀନ ଗୋବିନ୍ଦପୁର ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ଦେଖାଯାଇଛି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ମୋଟ୩୩ଜଣଛାତ୍ରଛାତ୍ରୀଅଧ୍ୟୟନକରୁଥିଲା ବେଳେ ମାତ୍ର ୨ଟି ଶ୍ରେଣୀଗୃହ ରହିଛି। ଅଫିସ ଗୃହ ନଥିବାରୁ ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର ୧ମ ଓ ୨ୟ ଶ୍ରେଣୀର ଛାତ୍ରଛାତ୍ରଙ୍କୁ ଏକାଠି ବସାଇ ଗୋଟିଏ ଶ୍ରେଣୀରେ ପାଠ ପଢ଼ାଇବା ସହିତ ଅଫିସ କାର୍ଯ୍ୟ କରନ୍ତି ବୋଲି କହିଛନ୍ତି। ଅନ୍ୟଗୃହରେ ସହଶିକ୍ଷକ ୩ୟ, ୪ର୍ଥ ଓ ୫ମ ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ଶିକ୍ଷାଦାନ କରିଥା'ନ୍ତି। ବିଦ୍ୟାଳୟର ରୋଷେଇ ଗୃହଟି ଅତି ପୁରୁଣା ହୋଇଥିବା ବେଳେ ନିୟୋଜିତ ପାଚିକାମାନେ ନିହାତି ବିପଦସଙ୍କୁଳ ଅବସ୍ଥାରେ ରୋଷେଇ କାର୍ଯ୍ୟ କରୁଛନ୍ତି। ନିକଟ ଅତୀତରେ ପିଲାମାନଙ୍କ ପାନୀୟଜଳ ସହ ହାତଧୁଆ ପାଇଁ ପାଣିଟ୍ୟାପ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ସେସବୁ ଏବେ ଭାଙ୍ଗିରୁଜି ଅଚଳ ହୋଇପଡ଼ିଛି। ଦୀର୍ଘବର୍ଷର ପୁରୁଣା ଶୌଚାଳୟକୁ ମରାମତି ନକରି କେବଳ ରଙ୍ଗ ଦ୍ୱାରା ଚକାଚକ୍ କରାଯାଇଥିଲା ବେଳେ ଏବେ ଶୌଚାଳୟ ଘରର ଛାତରୁ ସ୍ଥାନେ ସ୍ଥାନେ କଂକ୍ରିଟ ଖଣ୍ଡ ଭାଙ୍ଗି ଖସୁଥିବାରୁ ତାହା ଏବେ ସମ୍ପୂର୍ଣ୍ଣ ବିପଦମୁହାଁ ହୋଇପଡ଼ିଛି। ଯାହା ଫଳରେ ପିଲାମାନେ ଶୌଚ କାର୍ଯ୍ୟ ପାଇଁ ବାହାରକୁ ଯାଉଛନ୍ତି। ବିଦ୍ୟାଳୟଟି ନଦୀବନ୍ଧ ରାସ୍ତାରୁ ପ୍ରାୟ ୨୦ଫୁଟ୍ ତଳେ ଅବସ୍ଥିତ। ବିଦ୍ୟାଳୟ ସମ୍ମୁଖ ଓ ବାମପାର୍ଶ୍ୱର ଅଳ୍ପ କିଛି ଅଂଶରେ କମ୍ ଉଚ୍ଚତା ବିଶିଷ୍ଟ ପୁରୁଣା ସୁରକ୍ଷାପାଚେରୀ ରହିଛି। ଯାହା ଏବେ ଅଧିକାଂଶ ସ୍ଥାନରେ ଭାଙ୍ଗି ଯାଇଥିବା ନେଇ ଦେଖାଯାଇଛି। ବିଦ୍ୟାଳୟର ଅନ୍ୟପାର୍ଶ୍ୱରେ ଆଦୌ ସୁରକ୍ଷାପାଚେରୀ ନାହିଁ। ବିଦ୍ୟାଳୟ ପାଇଁ ଶ୍ରେଣୀଗୃହ, ରୋଷେଇ ଘର, ଶୌଚାଳୟ ଆବଶ୍ୟକ ସହ ଟ୍ୟାପ ଯୋଗେ ପାନୀୟଜଳର ସୁବନ୍ଦୋବସ୍ତ ପାଇଁ ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର ଅଭିଯୋଗ କରିଛନ୍ତି। ଏନେଇ ବିଇଓଙ୍କୁ ଅବଗତ କରାଇବାରୁ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇ ଖୁବଶିଘ୍ର ଏଭଳି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ଦିବ୍ୟାଙ୍ଗଙ୍କୁ ସାମଗ୍ରୀ ବଣ୍ଟନ

**ସୋସୋ, ୨୦।୧(ସମିସ):** ଜୟଦୁର୍ଗା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ହାଟଡିହୀ ବ୍ଲକର ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର, ଅଣ୍ଟା ବେଲ୍ଟ, ୱାକର, ଶ୍ରବଣ ଯନ୍ତ୍ର ଓ ଆଶାବାଡି ପ୍ରଦାନ କରାଯାଇଛି। ଏହି ବଣ୍ଟନ କାର୍ଯ୍ୟକ୍ରମ ସମୟରେ ଟ୍ରଷ୍ଟର ଅଧକ୍ଷ ସୁରେଶ୍ୱରୀ ସାଗାରିକା ଜେନା, ସଭାପତି ଅବିନାଶ ତ୍ରିପାଠୀ, ତୃପ୍ତିମୟୀ ନାୟକ, ସବିତା ଜେନା, ଚିନୁ ସାହୁ, ଦେବାଶିଷ ଦାସ, ଶୁଶାନ୍ତ ସାମଲ, ସନ୍ତୋଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ହାଟଡିହୀରେ ସତ୍‌ସଙ୍ଗ ସମାବେଶ



**ହାଟଡିହୀ/ସୋସୋ,୨୦।୧(ସମିସ):** ହାଟଡିହୀ ବ୍ଲକ ନିକଟସ୍ଥ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ତଥା ୩୨ତମ ସତସଙ୍ଗ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନନ୍ଦପୁର, ବନ୍ତ, ଭଦ୍ରକ, ଅଗରପଡ଼ା, ଯାଜପୁର, କୁଆଖିଆ ଆଦି ଅଞ୍ଚଳରୁ ପ୍ରାୟ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଅନୁରାଗୀ ଯୋଗ ଦେଇଥିଲେ। ଏଥିରେ ଦେଓଘର କେନ୍ଦ୍ର ସତସଙ୍ଗର ନିୟତକର୍ମୀ ଶ୍ରୀଧର ସୁନ୍ଦର ମିଶ୍ର ଯୋଗଦେଇ ଠାକୁରଙ୍କ ଦିବ୍ୟ ଭାବଧାରା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ସତସଙ୍ଗ ବିହାରର ଅଚ୍ୟୁତାନନ୍ଦ ପତି ଠାକୁରଙ୍କ ଅଲୌକିକ ଶକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୧୦ଜଣ ସତ୍‌ନାମ ଗ୍ରହଣ କରିଥିଲେ। ସତସଙ୍ଗ ପରେ ଭଜନକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ହାଟଡିହୀ ସତସଙ୍ଗ କେନ୍ଦ୍ରର ତତ୍ତ୍ୱାବଧାରକ ଭାଗବତ ପାଢ଼ୀ ଓ ଯାଜକ କର୍ମୀ ଅଧିକାରୀ ନାୟକ ପରିଚାଳନା କରିଥିଲା ବେଳେ ସ୍ଥାନୀୟ ଅନୁରାଗୀମାନେ ଏଥିରେ ସହଯୋଗ କରିଥିଲେ।

## ନୂତନ ବିଡିଓଙ୍କୁ ଭେଟିଲେ ନିର୍ବାଚିତ ପ୍ରତିନିଧି



**ସୋସୋ/ ହାଟଡିହୀ, ୨୦।୧(ସମିସ):** ହାଟଡିହୀ ବ୍ଲକର ନୂତନ ବିଡିଓ ଭାବେ ରଞ୍ଜନ କୁମାର ପରିଡା ଯୋଗଦାନ କରିଛନ୍ତି। ତାଙ୍କୁ ବିଭିନ୍ନ ରାଜନୈତିକ ଦଳର ନିର୍ବାଚିତ ପ୍ରତିନିଧିମାନେ ଭେଟି ସ୍ୱାଗତ କରିଛନ୍ତି। ଆଜି ବିଜେଡିର ନିର୍ବାଚିତ ପ୍ରତିନିଧିଙ୍କ ସହ କର୍ମୀମାନେ ଭେଟିଛନ୍ତି। ଏଥିରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସରପଞ୍ଚ ଚିନ୍ମୟ ନାୟକ, ସରପଞ୍ଚ ରବିନ୍ଦ୍ର ଜେନା, ସରପଞ୍ଚ ଦିନେଶ ସେଠୀ, ସରପଞ୍ଚ ଜଗବନ୍ଧୁ କାଣ୍ଡି, ସରପଞ୍ଚ ରମାକାନ୍ତ ନାୟକ, ଦିଲୁ ସା, ବସନ୍ତ ପଢ଼ିଆରୀ, ବିରେନ୍ ବିଶ୍ୱାଳ, ବାବୁଲା କାଣ୍ଡି, ସରପଞ୍ଚ ଅଜିତ୍ ରାଉତ ସମେତ୍ ବହୁ ବିଜେଡି ନିର୍ବାଚିତ ପ୍ରତିନିଧି ଓ ଦଳିୟ କର୍ମୀ ଉପସ୍ଥିତ ଥିଲେ।

## ମହିଳାଙ୍କ ପରଲୋକ



**ସୋସୋ, ୨୦।୧(ସମିସ):** ହାଟଡିହୀ ବ୍ଲକର ବାବାଜୀ ଚରଣ ସିଂହଙ୍କ ଧର୍ମପତ୍ନୀ ମିଟି ସିଂହ (୮୦) ଙ୍କର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇଁ ଆଖପାଖ ଅଞ୍ଚଳର ବହୁ ମାନଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସାଳନ୍ଦୀ କୂଳରେ ତାଙ୍କର ଶେଷକୃତ କାର୍ଯ୍ୟ ସଂପର୍ଣ୍ଣ ହୋଇଛି।

## ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



**ସୋସୋ, ୨୦।୧(ସମିସ):** ହାଟଡିହି ବ୍ଲକର ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଓରାଳିର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ହାଟଡିହୀ ଶିକ୍ଷା ଜିଲ୍ଲାର ସହ ଶିକ୍ଷାଧିକାରୀ ପ୍ରମୋଦ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଜିସି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୀଲ କୁମାର ସିଂ, ଓରାଳି କ୍ଲଷ୍ଟର ସିଆର୍‌ସିସି ଆଲୋକ କୁମାର ନାଥ, ଓରାଳି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲତା ପରିଡା, ବିଦ୍ୟାଳୟର ଏସଏମସି ଚେୟାରମ୍ୟାନ ଗଙ୍ଗାଧର ନାୟକ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ, ମାଧବାନନ୍ଦ କର, ଶତ୍ରୁଘ୍ନ ସେଠୀ, ଖେଳ ଶିକ୍ଷକ ନାରାୟଣ ରାଉତ, ଶିକ୍ଷୟିତ୍ରୀ ମମତାମୟୀ ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଏସଏମସି ସଦସ୍ୟ ସଦସ୍ୟା ଓ ଅଭିଭାବକମାନେ ସହଯୋଗ କରିଥିଲେ।

# ସାଳନ୍ଦୀର ଗୟା ଗଙ୍ଗାଘାଟରେ ଅସ୍ଥି ବିସର୍ଜନ





**ହାଟଡିହୀ/ସୋସୋ,୨୦।୧(ସମିସ)**

ସାନ୍ତାଳୀ ସମ୍ପ୍ରଦାୟର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମଟି ଅନ୍ୟତମ। ଏହି କାର୍ଯ୍ୟକ୍ରମଟି ଆଜି ହାଟଡ଼ିହୀ ବ୍ଲକ ବାଲିବରେଇ ପଞ୍ଚାୟତ ଟିଲୋଗଡ଼ିଆଠାରେ ଦେଖିବାକୁ ମିଳିଛି। ସାଳନ୍ଦୀ ତେଲକୁପି ମାରଙ୍ଗ ବୁରୁ ଗୟା ଗଙ୍ଗାଘାଟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରୁ ପ୍ରାୟ ୭୮ଟି ପରିବାର ଏକତ୍ରିତ ହୋଇ ପୂର୍ବପୁରୁଷଙ୍କ ଆତ୍ମାର ସଦ୍‌ଗତି କାମନା କରି ଅସ୍ଥି ବିସର୍ଜନ କରିଛନ୍ତି।

ସାନ୍ତାଳୀ ସମ୍ପ୍ରଦାୟର ଲୋକେ ବର୍ଷରେ ଥରେ ନିଜ ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ କରିଆସୁଥିଲା ବେଳେ କେହି କେହି ଏହାକୁ ଡିସେମ୍ବର ୩୦ତାରିଖ ତ ପୁଣି ଆଉ କେହି ଜାନୁଆରୀ ୨୦ତାରିଖରେ ପାଳନ କରିଥା'ନ୍ତି। ପୂର୍ବରୁ ଅସ୍ଥି ବିସର୍ଜନ ଲାଗି ସେମାନେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ସ୍ଥିତ ଭୀମକୁଣ୍ଡକୁ ଯାଉଥିଲା ବେଳେ ୨୦୦୯ ମସିହାଠାରୁ ଟିଲୋଗଡ଼ିଆ ଠାରେ ଏହି ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଆଜି ସାଳନ୍ଦୀ ତେଲକୁପି ମାରାଙ୍ଗବୁରୁ ଅନୁଷ୍ଠାନର ସଭାପତି ମଙ୍ଗଲ ହାଁସଦା, ସମ୍ପାଦକ ଗଙ୍ଗେଇ ମାଝୀ, ପାରଗାନା କାଳନ୍ଦୀ ଟୁଡୁ, ଉପସଭାପତି ମଧୁସୂଦନ ହେମ୍ବ୍ରମ, ସହସମ୍ପାଦକ ପ୍ରଧାନ ଟୁଡୁ ଏବଂ କୋଷାଧକ୍ଷ ଜୟରାମ ହେମ୍ବ୍ରମଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଠାକୁରଙ୍କ ନିକଟରେ ସୁନାରାମ ଟୁଡୁ ପୂଜାପାଠ କରିଥିଲେ। ସମସ୍ତେ ନୂଆ ଲୁଗାପଟା ପିନ୍ଧି ଏକାଠି ହୋଇ ନାଚଗୀତର ଆସର ଜମାଇ ଖୁବ ଆଡ଼ମ୍ବରରେ ଏହାକୁ ପାଳନ କରିଥିଲେ। ଅନୁଷ୍ଠାନର ସଦସ୍ୟଙ୍କ ମଧ୍ୟରେ ମିନତୀ ମୁର୍ମୁ, ସୁନେଲି ମାଝୀ, ମାଇନ ସୋରେନ୍, ପାର୍ବତୀ ସୋରେନ୍, ଢ଼ଲିରାଣୀ ହାଁସଦା, ସାଉନା ହେମ୍ବ୍ରମ, କାରଣ ଟୁଡୁ, ଜଗନ୍ନାଥ ମୁର୍ମୁ, ଦଶରଥ ମୁର୍ମୁ, ସାଗ୍ରାମ ସୋରେନ୍, ସାଗା ମୁର୍ମୁ, ସର୍ଦ୍ଦାର ମୁର୍ମୁ, ରାମ ମୁର୍ମୁ, ଘାସିରାମ ମାଝୀ, ଦୁବରାଜ ମୁର୍ମୁ ପରିଚାଳନା କରିଥିଲା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ଚମ୍ପୁଆ,୨୦।୧(ସମିସ):** ଚମ୍ପୁଆ ତହସିଲ ପକ୍ଷରୁ ଚମ୍ପୁଆ ଅଲ୍ଲିନଗର ଠାରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଇଛି। ଜବରଦଖଲ ସ୍ଥାନରେ ନିର୍ମାଣଧୀନ ଗୃହକୁ ଭାଙ୍ଗାଯାଇଛି। ସୂଚନା ଅନୁସାରେ ଚମ୍ପୁଆ ତହସିଲଦାର ସଜତ ମାର୍କେଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଜମିରେ ଅର୍ଦ୍ଧନିର୍ମିତ ଗୃହକୁ ବୁଲ୍‌ଡୋଜର ସହାୟତାରେ ଭଙ୍ଗାଯାଇଥିଲା। ମାଜିଷ୍ଟ୍ରେଟ ସମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଚମ୍ପୁଆ ଥାନାଧିକାରିଣୀ ଏଚ୍‌ଆର୍ କୁଲୁ, ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶନୀ, ରାଜସ୍ୱ ଅଧିକାରୀ ସମ୍ପଦ ପ୍ରଧାନ ଓ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘଦିନରୁ ଜଙ୍ଗଲଜମିରେ ଗୃହନିର୍ମାଣ କରୁଥିବା ସାହିଦ ଆଖତାରଙ୍କୁ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା।

## ବାବା ଶନିଶ୍ଚର ରାତ୍ରୀକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଜଳସୁଆଁକୁ ହରାଇ ମଦନପୁର ଚାମ୍ପିଅନ



**ବେଲବାହାଲି,୨୦।୧(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ମଙ୍ଗଳପୁର ମିନି ଷ୍ଟାଡିଅମରେ ବାବା ଶନିଶ୍ଚର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଏକ ଦିବସୀୟ ରାତ୍ରୀକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ମଦନପୁର ଦଳ ଏକ ବୃହତ୍ ବ୍ୟବଧାନରେ ଜଳସୁଆଁ ଏକାଦଶକୁ ପରାଜିତ କରି ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଟୋଲଙ୍କପଡ଼ା, ହରିଡ଼ାପାଳ, ପାଇକଚାଟ୍ରା, ବେଲବାହାଲି, ମଙ୍ଗଳପୁର, ମଦନପୁର, ଜଳସୂଆଁ, ସାଇଁକୁଳ ଆଦି ଟିମ୍ ମାନେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମଦନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୩ ୱିକେଟ୍ ହରାଇ ୬୦ ରନ୍ କରିଥିବା ବେଳେ ଏହାର ଜବାବରେ ଜଳସୁଆଁ ଦଳ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟ ସାମ୍ନା କରି ଶେଷରେ ୩୮ରନ କରି ପରାଜିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ମା' ମଙ୍ଗଳା ସେବା ସଂଗଠନର ପ୍ରତିଷ୍ଠାତା ହରିହର ଓଝା ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟର ସୁଧୀର କୁମାର ପଣ୍ଡା ଏବଂ ପ୍ରିୟବ୍ରତ ମହାତର ପରିଚାଳନା କରିଥିବା ସମୟରେ ଧାରା ବିବରଣୀ ପ୍ରଶାନ୍ତ ଓଝା କରିଥିଲେ।

## ପୁଲିସ ଗାଡ଼ିକୁ ଟେକା ମାରିବା ଘଟଣାର ଅଭିଯୁକ୍ତଙ୍କୁ ଧରିବାରେ ଟାଳଟୁଳ ନୀତି

ସୋସୋ, ୨୦।୧(ସମିସ): ହାଟଡିହି ବ୍ଲକର ଶାଳଣିଆଁ ଅଞ୍ଚଳ ଦିନକୁ ଦିନ ଅଶାନ୍ତ ହୋଇପଡିବା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେବା ସହିତ ପୁଲିସ ପ୍ରଶାସନକୁ ସିଧାସଳଖ ଅସାମାଜିକ ଯୁବକମାନେ ଚ୍ୟାଲେଞ୍ଜ କରୁଥିଲେ ମଧ୍ୟ ପୁଲିସ ସକ୍ରିୟ ହେଉନାହିଁ। ଯାହାକୁ ନେଇ ଅସାମାଜିକଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ୩ଦିନ ତଳେ ଶାଳଣିଆଁ ଅଞ୍ଚଳର କିଛି ଯୁବକ ନନ୍ଦିପଦା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପୁଲିସ ଗାଡିକୁ ଟେକାପଥର ମାରିଥିଲେ। ଏହାକୁ ନେଇ ପୁଲିସ ନିଜ ପକ୍ଷରୁ କେସ୍ ନଂ.୧୪ରେ ୫ ଜଣଙ୍କ ନାମରେ ମକଦ୍ଦମା ରୁଜୁ କରିଥିଲେ। ସେଥି ମଧ୍ୟରୁ ୨ଜଣ ମାନସ କୁଅଁର ଓ ଟୁକୁନୁ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ୩ଜଣଙ୍କୁ ପୁଲିସ ଏଯାବତ୍ ଧରି ପାରୁନଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ପୁଲିସ ଗାଡିକୁ ଟେକା ମାରି ଅଭିଯୁକ୍ତ ଧରା ପଡୁନଥିବା ବେଳେ ଗୋଷ୍ଠୀ ସଂଘର୍ଷ ଘଟିଲେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଏସଆଇ ଲୋହିତ୍ ରାଜଙ୍କୁ ପଚାରିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଗିରଫ କରିବା ପାଇଁ ନେଟ୍‌ୱାର୍କ ଚାଲିଛି। ଖୁବ୍‌ଶୀଘ୍ର ଧରା ପଡିବେ ବୋଲି ସେ କହିଛନ୍ତି।

## ହାଟଡିହୀ ହାଇସ୍କୁଲରେ ଶ୍ରୀଅନ୍ନ ସଚେତନତା



ହାଟଡିହୀ/ସୋସୋ,୨୦।୧(ସମିସ): ଆଜି ହାଟଡିହୀ ହାଇସ୍କୁଲ ପରିସରରେ ଶ୍ରୀଅନ୍ନ ସମ୍ବନ୍ଧ ସଚେତନତା ଓ ବଗିଚା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ହାଟଡିହୀ ବ୍ଲକ କୃଷି ଅଧିକାରୀ ଡ.ଦେବୀପ୍ରସନ୍ନ ଖୁଣ୍ଟିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଅନ୍ନ ଅଭିଯାନ କେନ୍ଦୁଝର ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ପଣ୍ଡା, ହାଟଡିହୀ ଶିକ୍ଷାମଣ୍ଡଳର ସହ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ହାଟଡିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରାୟ ଏକ ଶହ ଛାତ୍ରଛାତ୍ରୀଙ୍କ ମଧ୍ୟରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ପିଲାମାନଙ୍କ ମଧ୍ୟରେ ଶ୍ରୀଅନ୍ନ ଫସଲର ଗୁରୁତ୍ୱ ଏବଂ ସଚେତନତା ସହ ଶ୍ରୀଅନ୍ନ ଉତ୍ପାଦନ କିପରି କରାଯାଏ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପ୍ରଦର୍ଶିତ ଶ୍ରୀଅନ୍ନ ବଗିଚାରେ ବିଭିନ୍ନ କିସମ ମଧ୍ୟରେ ଆଙ୍ଗୁଠି ଶ୍ରୀଅନ୍ନ, ପେରାଲ୍ ଶ୍ରୀଅନ୍ନ, ଉଷ୍ମ ଅଞ୍ଚଳ ଶ୍ରୀଅନ୍ନ ଏବଂ ଛୋଟ ଶ୍ରୀଅନ୍ନ ପରି ୪ପ୍ରକାରର ନମୁନା ପ୍ରଦର୍ଶିତ ହୋଇଥିଲା। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶ୍ରୀଅନ୍ନ ଚାଷର ବିହନ ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ ବିଭିନ୍ନ ଜ୍ଞାନ କୌଶଳ ଉପରେ ଆଲୋକପାତ କରାଯିବା ସହ ସ୍ୱାଦ ଚାଖିବା ନିମନ୍ତେ ଶ୍ରୀଅନ୍ନରୁ ପ୍ରସ୍ତୁତ କ୍ଷିରୀ ସେମାନଙ୍କ ମଧ୍ୟରେ ବଣ୍ଟା ଯାଇଥିଲା।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ରାମଚନ୍ଦ୍ରପୁର,୨୦।୧(ସମିସ): ଘସପୁରା ବ୍ଲକ ପରମାନନ୍ଦପୁର ସ୍ଥିତ ଯୁକ୍ତ ଦୁଇ ମହାବିଦ୍ୟାଳୟ ପରିସରରେ ଏକ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରେମଲତା ରାଉତ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଛାତ୍ରୀ ଆତରକ୍ଷା ଉପରେ ଉପାଦେୟ ବାର୍ତ୍ତା ରଖିଥିଲେ। ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିରର ଉପଦେଷ୍ଟା ଅଧ୍ୟାପିକା ଯଶୋଦା ଟପୋଙ୍କ ସଂଯୋଜନାରେ ଅନୁଷ୍ଠିତ ତାଲିମ ଶିବିରରେ ପ୍ରଶିକ୍ଷିକା ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପତି ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନେଇ ବିଭିନ୍ନ ରଣ କୌଶଳ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ନିଜ ଆତ୍ମରକ୍ଷା ନିଜେ କରିପାରିବା ନେଇ ଶପଥ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଅଧ୍ୟାପିକା ନିବେଦିତା ପଣ୍ଡା,ମନ୍ଦାକିନି ପଣ୍ଡା ଏବଂ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ନାଗରିକ ଆଇନ ସଚେତନତା କାର୍ଯ୍ୟକ୍ରମ




**କେନ୍ଦୁଝର,୨୦।୧(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ସୌଜନ୍ୟରୁ ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟ ସଭାଗୃହଠାରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ତଥା କର୍ମକ୍ଷେତ୍ରରେ ମହିଳାମାନେ ଯୌନ ଶୋଷଣର ଶିକାର ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧକ୍ଷଙ୍କ ଅନୁମୋଦନକ୍ରମେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗ ଦେଇ ଆଇନସେବା ପ୍ରାଧିକରଣ ଦ୍ୱାରା କରାଯାଉଥିବା ଜନମଙ୍ଗଳ କାର୍ଯ୍ୟକ୍ରମ ଗୁଡିକୁ ଅବତାରଣା କରି ଦେଶର ସମସ୍ତ ନାଗରିକମାନେ ସମ୍ବିଧାନଠାରେ ଉତ୍ତରଦାୟୀ ହେବା ତଥା ପ୍ରତ୍ୟେକ ନାଗରିକଙ୍କର ସାମ୍ବିଧାନିକ ଅଧିକାର ଓ ଦେଶ ମାତୃକା ପ୍ରତି ଥିବା କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। କର୍ମକ୍ଷେତ୍ରରେ ମହିଳାମାନେ କିଭଳି ଯୌନ ଶୋଷଣ ଶିକାର ନହେବା ଉପାୟ, ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଆଭ୍ୟନ୍ତରୀଣ କମିଟି ଓ ଜିଲ୍ଲାସ୍ତରରେ ମହିଳାମାନଙ୍କୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ଥାନୀୟ ଅଭିଯୋଗ କମିଟି ଉପରେ ଜଣାଇ ପୀଡିତାଙ୍କ ପାଇଁ ଆଇନଗତ ଦିଗ ଉପରେ ତର୍ଜମା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଭାଗିରଥି ନାୟକ, ଅଧ୍ୟାପିକା କ୍ଷୀରାବ୍ଧି ତନୟା ଦାସ ମହାପାତ୍ର, ସ୍ମୃତିରେଖା ବାରିକ, ଡ. ତନୁଜା ପଣ୍ଡା, ପାନେଲ ଅଧିବକ୍ତା ସୁନୀଲ କୁମାର ମହାନ୍ତ, ପିଏଲଭି ମମତା ମହାନ୍ତ, ଜିଲ୍ଲା ଆଇନସେବା ପ୍ରାଧିକରଣର ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଇଁକୁଳ ହିଙ୍ଗୁଳା କପ୍ ଫୁଟବଲ

## ଫାଇନାଲ୍‌ରେ ବାରିପଦା-କଟକ



**ରାମଚନ୍ଦ୍ରପୁର,୨୦।୧(ସମିସ):** ସାଇଁକୁଳ ହିଙ୍ଗୁଳା ଆଥଲେଟିକ ଆସୋସିଏସନ ପକ୍ଷରୁ ରାଜ୍ୟ ସ୍ତରୀୟ ହିଙ୍ଗୁଳା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ର କ୍ୱାଟର ଫାଇନାଲ ମ୍ୟାଚରେ ସୋନପୁରକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ କଟକ ସେମି ଫାଇନାଲରେ ପ୍ରବେଶ କରିଛି। ଆଜି ବିଏଏଫ୍ ସୋନପୁର ବନାମ ମା'ମଙ୍ଗଳା କ୍ଲବ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କଟକ ଟିମ୍ ଲଗାତର ଭାବେ ସୋନପୁରକୁ ଦୁଇଟି ଗୋଲ ବ୍ୟବଧାନରେ ପରାସ୍ତ କରି ଦ୍ୱିତୀୟଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ମ୍ୟାଚରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡାକ୍ତର ନକୁଳଚରଣ ନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ମାଡା ସୋରେନ୍ ଯୋଗ ଦେଇ ପ୍ରାକ୍ତନ ଫୁଟବଲ ଖେଳାଳି ରଙ୍ଗାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଗୋପିନାଥ ସ୍ୱାଇଁ, ଉପସଭାପତି ଶତୃଘନ ବେହେରା, ସମ୍ପାଦକ ମାର୍କଣ୍ଡ ସାମଲ କ୍ଲବ ବରିଷ୍ଠ କାର୍ଯ୍ୟକର୍ତ୍ତା ବ୍ରହ୍ମାନନ୍ଦ ପଟ୍ଟନାୟକ, ହିମାଦ୍ରି ଜେନା, ନନ୍ଦକିଶୋର ବେହେରା, ବିନୋଦ ଜେନା, ବିପିନ ବିହାରୀ ମହାନି, ରବିନ୍ଦ୍ର ତ୍ରିପାଠୀ, ରାମଚନ୍ଦ୍ର ଭଞ୍ଜ, ନାରାୟଣ ପ୍ରତିହାରୀ, ତ୍ରିଲୋଚନ ପରିଡା, ଚିତ୍ତରଞ୍ଜନ ମହାପାତ୍ର, କୁଳମଣି ପରିଡ଼ା,ଚୈତନ ଦେହୁରୀ, ଆନନ୍ଦ ନାୟକ, ଚନ୍ଦ୍ରଶେଖର ବେହେରା, କ୍ଷିରୋଦ ପରିଡା, ଶିବ ମହାରଣା ସମେତ କ୍ଲବର ଅନେକ ସଦସ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ ପରିଚାଳନାରେ ରେଫରି ଭାବେ ରିୟାଜ୍ କାଦିର୍, ମାନସ ବିଶ୍ୱାଳ, ଉତ୍ତମ ବାରିକ, ଗଗନ ପରିଡା କାର୍ଯ୍ୟ ସମ୍ପାଦନ କରିଥିଲେ। ମଙ୍ଗଳବାର ମା'ମଙ୍ଗଳା କ୍ଲବ କଟକ ବନାମ୍ ସ୍ପୋର୍ଟସ ହଷ୍ଟେଲ ବାରିପଦା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## କେଶଦୁରାପାଳରେ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ



**ଆନନ୍ଦପୁର,୨୦।୧(ସମିସ):** ଘସିପୁରା ବ୍ଲକ କେଶଦୁରାପାଳ ସନ୍ ସାଇନ ସ୍ପୋର୍ଟିଂ କ୍ଲବ ତରଫରୁ ଆୟୋଜିତ ମ୍ୟାଚରେ ବଳରାମପୁର ପକ୍ଷରୁ ରନର୍ସଅପ ହୋଇଥିବା ଦୁଇ ଜଣ ଅରୁଣ ଶତପଥୀ ଓ ଗଣେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାପତି ଚିନ୍ତାମଣି ସୂତାର, ସମ୍ପାଦକ ବିଶ୍ୱନାଥ ଓଝା ଓ କ୍ଲବମେମ୍ବର ରମେଶ ପଣ୍ଡା, ନରେନ୍ଦ୍ର ମହାରଣା, ରାଧେଶ୍ୟାମ ପଣ୍ଡା, ହିମାଂଶୁ ପଣ୍ଡା, ନାରାୟଣ ସାହୁ, ପ୍ରଭାକର ବେହେରା, ଜଗନ୍ନାଥ ସାହୁ, ପ୍ରମୋଦ ବେହେରା, ରଞ୍ଜନ ଦାସ, ବାପି ପଣ୍ଡା, ପିଙ୍କୁ ବେହେରା, ସୁମନ ସାହୁ, ସମୀର ସାହୁ, ପ୍ରକାଶ ସାହୁ, ପଦ୍ମନାଭ ସାହୁ, ସନ୍ତୋଷ କୁମାର ରଣା, ସନ୍ତୋଷ ସାହୁ, ଭାଗୀ ରଣା, ଶରତ ଓଝା, ପୁଥୁଲି ସାହୁ, ରାଜକିଶୋର ବେହେରା ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

